

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 JULY 2023
Vol.No. 35 ■ No. 189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିରୋଧୀ ଏକତା ବୈଠକ ଭିତରେ ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଇଡି ରେଡ୍

### ବିଦେଶୀ ମୁଦ୍ରା ସହ ୬୦ ଲକ୍ଷ ନଗଦ ଜବତ



ନୂଆଦିଲ୍ଲୀ,୧୭/୦୭ : ବିରୋଧୀ ଏକତା ପାଇଁ ଜାରି ବୈଠକ ଭିତରେ ତାମିଲନାଡୁର ମନ୍ତ୍ରୀଙ୍କ ଘରେ ଇଡି ଚଢଉ କରିଛି । ମନ୍ତ୍ରୀଙ୍କ ଘରୁ ବର୍ତ୍ତମାନ ସୁଦ୍ଧା ୬୦ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ଏଥିରେ ୧୦ ଲକ୍ଷରୁ ଅଧିକ ବିଦେଶୀ ମୁଦ୍ରା ରହିଛି । ଏହି ଚଢଉ ଡିଏମକେ ନେତା ତଥା ରାଜ୍ୟର ଉଚ୍ଚ ଶିକ୍ଷା ମନ୍ତ୍ରୀ ପୋନମୁଡି ଏବଂ ତାଙ୍କ ପୁଅ ଗୌତମ ସିଗାମଣିଙ୍କ ଘରେ ହୋଇଛି । ସୂଚନା ଅନୁସାରେ ମନି ଲଣ୍ଡ୍ରିଂ ମାମଲାରେ ବାପା-ପୁଅଙ୍କ ଚେନ୍ନାଇ ଏବଂ ବିଲୁପୁରମ ସ୍ଥିତ ଘରେ ଇଡି ଚଢଉ ହୋଇଛି । ରାଜ୍ୟରେ ଶାସନରେ ଥିବା ଡିଏମକେ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ଏକ କାର୍ଯ୍ୟାନୁଷ୍ଠାନ ବୋଲି କହିଛି । ଉଲ୍ଲେଖଯୋଗ୍ୟ ଯେ ୭୨ ବର୍ଷୀୟ ମନ୍ତ୍ରୀ ବିଲୁପୁରମ ଜିଲ୍ଲାର ତିରୁକୋୟିଲରୁ ବିଧାନସଭା ଆସନରୁ ବିଧାୟକ ଅଛନ୍ତି । ଅନ୍ୟପଟେ ତାଙ୍କ ପୁଅ କଲ୍ଲାକୁରିଚି ଆସନରୁ ସାଂସଦ ଅଛନ୍ତି । ୨୦୦୭ରୁ ୨୦୧୧ ମଧ୍ୟରେ ରାଜ୍ୟର ଖଣି ମନ୍ତ୍ରୀ ଥିବା ବେଳେ ମନି ଲଣ୍ଡ୍ରିଂ ମାମଲା ସାମନାକୁ ଆସିଥିଲା । ଏହି ସମୟରେ ଲାଇସେନ୍ସର ସର୍ତ୍ତକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଥିଲା । ଏଥିପାଇଁ ସରକାରୀ ରାଜକୋଷକୁ ୨୮ କୋଟି ଟଙ୍କାର କ୍ଷତି ହୋଇଥିଲା । ରାଜ୍ୟ ପୋଲିସ ମନ୍ତ୍ରୀ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ କଥିତ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ମାମଲା ରୁଜୁ କରିଥିଲା । ସିଗାମଣି ଏହାକୁ ବିରୋଧରେ ହାଇକୋର୍ଟ ଯାଇଥିଲେ, କିନ୍ତୁ କୋର୍ଟ ଜୁନରେ ଏହି ମକଦ୍ଦମା ଉପରେ ରୋକ ଲଗାଇବାକୁ ମନା କରିଦେଇଥିଲେ। ମନ୍ତ୍ରୀଙ୍କ ବିରୋଧରେ ନିଜ ପୁଅ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ଖଣି ଲାଇସେନ୍ସ ହାସଲ କରିବା ଏବଂ ଲାଇସେନ୍ସଧାରକଙ୍କ ପାଇଁ ଧାର୍ଯ୍ୟ ସୀମାଠାରୁ ଅଧିକ ମାଙ୍କଡା ମାଟି ଖନନ କରିବା ଅଭିଯୋଗ ରହିଛି । ଉଲ୍ଲେଖଯୋଗ୍ୟ ଡିଏମକେ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ବିରୋଧୀ ଏକତା ବୈଠକ ପାଇଁ ବେଙ୍ଗାଲୁରୁରେ ଅଛନ୍ତି । ଏହାରି ଭିତରେ ଏହି ଚଢଉକୁ ନେଇ ଡିଏମକେ କହିଛି ଯେ ଷ୍ଟାଲିନଙ୍କ ନେତୃତ୍ୱରେ ପାର୍ଟି ବିଜେପିର ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏଭଳି ସ୍ଥିତିରେ ଇଡିର କାର୍ଯ୍ୟାନୁଷ୍ଠାନ ଡରାଇବା ଉଦ୍ଦେଶ୍ୟରେ କରାଯାଇଛି। ପାର୍ଟିର ଜଣେ ମୁଖପାତ୍ର କହିଛନ୍ତି ଯେ ଏହା ରାଜନୈତିକ ପ୍ରତିଶୋଧ।

▶▶ପୃଷ୍ଠା ୭

## ୨୫ରୁ ୩ ଦିନିଆ ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଚଳିତ ଜୁଲାଇ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ଣରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ରାଷ୍ଟ୍ରପତିଙ୍କ ଓଡିଶାରେ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡଃ. ସନ୍ତୋଷ ବାଲା ପ୍ରସ୍ତୁତି ସଂପର୍କରେ ବିଶଦ୍ ଭାବେ ଉପସ୍ଥାପନ କରିଥିଲେ । ସୂଚନା ଅନୁଯାୟୀ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜୁଲାଇ ୨୫ ତାରିଖରେ ରାଜ ଭବନ ଠାରେ ଓଡିଶାର ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ(ପିଭିଟିଜି) ପ୍ରତିନିଧିଙ୍କ ସହିତ ସାକ୍ଷାତ ଆଲୋଚନା କରିବେ। ୨୬ ତାରିଖରେ କଟକର ଚଣ୍ଡି ମନ୍ଦିର, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବାସ ଭବନ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ। ଏହି ଦିନ ମଧ୍ୟ କଟକ ଉଚ୍ଚ ନ୍ୟାୟାଳୟର ୭୫ ତମ ପ୍ରତିଷ୍ଠା ଦିବସର ପୂର୍ତ୍ତି ଉତ୍ସବ, କଟକ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ, ଶ୍ରୀରାମ ଚନ୍ଦ୍ର ଭଂଜ ଭେଷଜ

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଏନସିବି ଅଫିସ୍ ଖୋଲିଲା




ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଭୁବନେଶ୍ୱରରେ ନାର୍କୋଟିକସ କଂଟ୍ରୋଲ ବ୍ୟୁରୋ (ଏନସିବି)ର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର ଦିନ ଭିଡ଼ିଓ କନଫରେନସିଂ ଜରିଆରେ ଏହାକୁ ଉଦଘାଟନ କରିଛନ୍ତି । ରାଜ୍ୟରେ ଡ୍ରଗସ୍ କାରବାର ଓ ଗଞ୍ଜେଇ ଚାଷ ନିୟନ୍ତ୍ରଣ ପାଇଁ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଉତର ଓଡ଼ିଶା ଦେଇ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳକୁ ଆସୁଛି ଡ୍ରଗସ୍। ଏସବୁର ନିୟନ୍ତ୍ରଣ ପାଇଁ ଭୁବନେଶ୍ୱରରେ ଏନସିବିର ଅଫିସ ଖୋଲାଯାଇଛି।

## ଜମି ପାଇଁ ଦୁଇ ପରିବାର ମଧ୍ୟରେ ହଣାହଣି: ୯ ଆହତ

ଭଦ୍ରକ, ୧୭/୦୭ (ନି.ପ୍ର): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ତୁମୁଳକାଣ୍ଡ। ଧାରୁଆ ଅସ୍ତ୍ରରେ ଆକ୍ରମଣରେ ଉଭୟ ପରିବାରରେ ୯ ଜଣ ଆହତ ହୋଇଛନ୍ତି। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ମୁଢ଼ସାହିରେ। ଆହତମାନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୪ ଜଣ ମହିଳା ଓ ୫ ପୁରୁଷ ଅଛନ୍ତି। ମୁଢ଼ସାହିରେ ଶ୍ୟାମସୁନ୍ଦର ପୃଷ୍ଟି ଓ କୃପାସିନ୍ଧୁ ପୃଷ୍ଟିଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଜମିବାଡ଼ି ବିବାଦ ଲାଗି ରହିଥିଲା। ଗତକାଲି ଏହାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ଉଭୟ ପରିବାରର ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଉଭୟଙ୍କ ପରିବାରର ୯ ଜଣ ଆହତ ହୋଇଥିଲେ। କାହା ହାତରେ ଆଘତ ଲାଗିଥିବା ବେଳେ କାହାର ଗୋଡ଼ ଓ ବିଭିନ୍ନ ସ୍ଥାନରେ ଗଭୀର ଲାଗିଥିଲା। ସମସ୍ତଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯାଇଛି।

## ଉପ ରାଜ୍ୟପାଳ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ବଡ଼ ପରାମର୍ଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭/୦୭ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଉପ ରାଜ୍ୟପାଳ ଭିକେ ସକ୍ସେନା ରାଜନୀତି କଳହରୁ ଉର୍ଦ୍ଧ୍ୱରେ ରହିବା ଉଚିତ। ସେମାନେ ଲାଗି ରହିଥିବା ଅଚଳାବସ୍ଥାକୁ ମିଳିତ ଭାବେ ଦୂର କରିବା ଦରକାର ବୋଲି ଆଜି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଦିଲ୍ଲୀର ପ୍ରଶାସନିକ ନିଯୁକ୍ତି ଓ ବଦଳି ଦାୟିତ୍ୱ ଉପ ରାଜ୍ୟପାଳଙ୍କ ହାତରେ ରଖିବା ପାଇଁ ଗୋଟିଏ ଅଧ୍ୟାଦେଶ ଆଣିଛନ୍ତି। ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ପ୍ରଥମେ ପ୍ରଶାସନିକ କ୍ଷମତା ଦେଇଥିଲେ।

▶▶ପୃଷ୍ଠା ୭



## ଜେଲ୍ ଗଲେ ନକଲି ଡାକ୍ତର: ବିଭିନ୍ନ ସ୍ଥାନରେ କରିଥିଲେ କ୍ଲିନିକ୍

ସାନଖେମୁଣ୍ଡି ୧୭/୦୭: ବନ୍ଧାହେଲେ ନକଲି ଡାକ୍ତର ଶୁଭ୍ରଜିତ ପଣ୍ଡା । ଗଞ୍ଜାମ ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତା ବାବୁଲ କ୍ଲିନିକରୁ ଗିରଫ କରିଛି ଦିଗପହଣ୍ଡି ପୋଲିସ । ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଗିରଫ କରାଯାଇଛି । ଗିରଫ ନକଲି ଡାକ୍ତର ଜଣଙ୍କ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ସଣ୍ଡା ଗାଁର ଶୁଭ୍ରଜିତ ପଣ୍ଡା । ସାନଖେମୁଣ୍ଡି ସମେତ କଟକର ଘରୋଇ କ୍ଲିନିକରେ ପୋଲିସ ଯାଞ୍ଚ କରିବା ସହ ଡ଼ାକ୍ତରଙ୍କ କଟକ ଭଡା ଘରେ ମଧ୍ୟ ତଦନ୍ତ କରିଛି । ସୂଚନା ଥାଉକି, କଟକ ରାଣୀହାଟ କ୍ଲିନିକ ସାନଖେମୁଣ୍ଡିର ଘରୋଇ କ୍ଲିନିକ ରେ ଦୁଇ ଦିନ ଧରି ଚାଲିଥିଲା ତଦନ୍ତ । ନିଜକୁ ଦିଲ୍ଲୀ, ଭୁବନେଶ୍ୱର ଏମସର ଅଭିଜ୍ଞ ଡାକ୍ତର କହି ଚଲାଇଥିଲେ ଚିକିତ୍ସା ଆଉ ପାଉଥିଲେ ମୋଟା ଅଙ୍କର ଟଙ୍କା । ଡାକ୍ତର ଏସ ପଣ୍ଡା ପୂର୍ବରୁ ଫେବୃଆରୀ ୨୦୨୦ ମସିହା ରେ ତେଲେଙ୍ଗାନା ପୋଲିସ ଗିରଫ କରି ଜେଲକୁ ପଠାଇଥିଲା। ନିଜକୁ ଡବ୍ଲୁଏଚଓ ର ସଦସ୍ୟ କହିଥିବା ବେଳେ ଏବଂ ଡାକ୍ତର ସମ୍ମିଳନୀକୁ ଯାଇ ନିଜକୁ ଡାକ୍ତର କହିଥିବା ବେଳେ ଗିରଫ ହୋଇଥିଲେ । ପୋଲିସର ସୂଚନା ଅନୁସାରେ ଯୁକ୍ତ ଦୁଇ ପାଠ ପଢି ଡାକ୍ତରମାନଙ୍କ ନିକଟରେ ଟ୍ରେନିଂ ପରେ ନିଜେ ସାର୍ଟିଫିକେଟ ତିଆରି କରି ମେଡ଼ିସିନ ରିପ୍ରେଜେଣ୍ଟ ମାନଙ୍କୁ ଧରି କରୁଥିଲେ ଚିକିତ୍ସା । ଗୋଟିଏ ରୋଗୀକୁ ପାଞ୍ଚ ମିନଟ ଦେଖିବା ପାଇଁ ନେଉଥିଲେ ୩୦୦ଟଙ୍କାର ଫି । ସାନଖେମୁଣ୍ଡି ବବୁଲ କ୍ଲିନିକ ଜଣେ ସରକାରୀ ମେଡିକାଲ କିଭଳି କରିଛନ୍ତି ତାହାର ବି ତଦନ୍ତ ହେବ ବୋଲି ସୂଚନା ମିଳିଛି । ଗଜପତି ଜିଲ୍ଲା ଅଡବା ସ୍ୱାସ୍ଥ୍ୟକର୍ମୀ ବିନା ଲାଇସେନ୍ସରେ ବେଆଇନ ଭାବେ ଚଳାଇଥିଲେ କ୍ଲିନିକ । ତେବେ ଡାକ୍ତର ମାତ୍ର ୨୪ ଦିନ ତଳେ ବିବାହ କରିଥିବା ସୂଚନା ମିଳିଛି । ପତ୍ନୀ ଦିଗପହଣ୍ଡି ଥାନାକୁ ଆସିବା ପରେ ଜାଣିଛନ୍ତି ପକୃତ ସତ । ଦୁଇ ଦିନ ତଳେ ଦିଗପହଣ୍ଡି ଥାନା ଅଧିକାରୀ ଏବଂ ଏକ ଟିମ୍ ଏସପି ଙ୍କ ନିର୍ଦ୍ଦେଶ ରେ ନିଜେ ଇଓଗଝ ଡାକ୍ତରଙ୍କ ନିକଟକୁ ଚିକିତ୍ସା ହେବାକୁ ଯାଇ ଗିରଫ କରି ଅଧିକ ପଚରାଉଚରା କରି ସତ ଉଗାଳିଛି । ତେବେ ନକଲି ଡାକ୍ତର ବୋଲି କ୍ଲିନିକ ୱାଲା ଜାଣି ନଥିବା କହିଛନ୍ତି ।



## ୪୮ ଘଂଟାରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଗତକାଲିର ଲଘୁଚାପ କ୍ଷେତ୍ର ଆଜି ଦୁର୍ବଳ ହୋଇଛି। ଏହାସହ ଜଡିତ ଘୁର୍ଣ୍ଣିବଳୟ ଆଜି ପଶ୍ଚିମ ଝାଡ଼ଖଣ୍ଡ ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ବାୟୁମଣ୍ଡଳରେ ୭.୬ କିମି ଯାଏଁ ବ୍ୟାପିଛି । ପ୍ରଭାବରେ ଆଜି କେତେକ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଅପରପକ୍ଷରେ ଆଗାମୀ ୪୮ ଘଂଟା ମଧ୍ୟରେ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରଭାବରେ ରାଜ୍ୟରେ ୧୯ ରୁ ୨୨ ଯାଏଁ ବିସ୍ତୃତି ବର୍ଷା ତଥା କେତକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ପ୍ରବଳ ବର୍ଷା ଓ ଅତି ପ୍ରବଳ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିପାଇଁ ୧୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୧୨୦ ସେମି)ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଅନ୍ୟ ୧୩ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା (୭ରୁ ୧୧ ସେମି)ନେଇ ୱାର୍ଣ୍ଣିଂ ଜାରି ହୋଇଛି।

## ସାଇନ ଇଣ୍ଡିଆ ଆଗ୍ରୋ ଚିଟ୍ ଫଣ୍ଡ ମାମଲା : ୩ ଜଣଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ

ବାଲେଶ୍ୱର , ୧୭/୦୭ (ନି.ପ୍ର): ସାଇନ ଇଣ୍ଡିଆ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଚିଟ୍ ଫଣ୍ଡ ମାମଲାର ରାୟ ପ୍ରକାଶ ପାଇଛି । ତିନି ଜଣଙ୍କୁ ତିନି ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଓ ୧ ଲକ୍ଷ ୨୧ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୨୦୧୩ ମସିହାରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାରେ ମାମଲା ରୁଜୁ ହୋଇଥିଲା। ବାଲେଶ୍ୱର ସ୍ପେଶାଲ ଜଜ୍ ଓପିଆଇଡି କୋର୍ଟରେ ସୋମବାର ଏହି ମାମଲାରେ ରାୟ ପ୍ରକାଶ ପାଇଲା । ୩ ଅଭିଯୁକ୍ତ ହେଲେ ବିଜୟ କୁମାର ଜେନା, କାଦୁ ମାରାଣ୍ଡି ଓ ସୋମନାଥ ନାୟକ ।

## ସୁରେନ୍ଦ୍ର ନାଥ ସାମଲଙ୍କ ପବିତ୍ର ଜନ୍ମତିଥିରେ ରକ୍ତ ଦାନ ଶିବିର ଓ ସ୍ମୃତିଚାରଣ ସଭା




ବାଲେଶ୍ୱର , ୧୭/୦୭ (ନି.ପ୍ର): ସଦରବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତ ରାମଚନ୍ଦ୍ର ବିହାର,ସାଉଁ ପରିସରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ସାମଲଙ୍କ ପବିତ୍ର ଜନ୍ମତିଥିରେ ରକ୍ତ ଦାନ ଶିବିର ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଜିଲ୍ଲା ରକ୍ତ ଦାନକମିଟିର ଉପଦେଷ୍ଟା ପ୍ରିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଶୁଭ ଉଦଘାଟନ କରିଥିଲେ ,ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା,ମୁଖ୍ୟ ବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡା, ଆଇନଜୀବୀ ପର୍ଶୁରାମ ପ୍ରଧାନ, ସମ୍ମାନିତ ଅତିଥିଭାବେ ଜ୍ଞାନେନ୍ଦ୍ର କୁମାର ସାହୁ ବ୍ରଜେନ୍ଦ୍ରକୁମାର ପରିଡା ଫାଉଣ୍ଡେସନର ମୁଖ୍ୟ ବାସନ୍ତିମଣି ଦାସ,ପରିବାରର ମୁଖ୍ୟ ବନଲତା ଦାସ,ମାନବାଧିକାର କର୍ମୀ ସୁଧାକର ସେଠୀ ପ୍ରମୁଖ ଉପସ୍ଥିତରହି ସ୍ମୃତିଚାରଣ କରିଥିଲେ ।ଶିଶୁମନ୍ଦିର ର ସମ୍ପାଦକ ତଥା ଯୁବ ଆଇନଜୀବୀ ପ୍ରଶାନ୍ତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶିତ କୁମାର ଦାସ ସଭାପତିତ୍ୱକରିଥିଲେ। ଶେଷରେ ପରିବାରରୁ ଝିଅ ସ୍ମୃତି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ରକ୍ତଦାନ ଶିବିରକୁ ପୁତ୍ର ସୌମିତ କୁମାର ସାମଲ,ପୁତ୍ରବଧୂ ମାହେଶ୍ୱରୀ ସାମଲ, ଝିଅ ସ୍ମିତା ସାମଲ,ସ୍ୱାତୀ ସାମଲ ,ଜ୍ୱାଇଁ ଆଶିଷ କୁମାର ବିଶ୍ୱାଳ, ଦିଲ୍ଲୀପ କୁମାର ସ, ପ୍ରୀୟତମ କୁମାର ଓ ସୁରେନ୍ଦ୍ର ନାଥ ସାମଲ ଫାଉଣ୍ଡେସନର ସଦସ୍ୟ, ସଦସ୍ୟା ଓ ବିଦ୍ୟାଳୟର ଗୁରୁଜୀ,ଗୁରୁମା ପରିଚାଳନା କରିଥିଲେ ।ଖବର ସଂଗ୍ରହ ବେଳକୁ ସତରଟି ରକ୍ତ ସଂଗୃହିତ ହୋଇଥିଲା।

## ସାହିତ୍ୟ ଏକାଡେମୀ ସଚିବଙ୍କ ଆରୋଗ୍ୟ କାମନା କରି ସୁବର୍ଣ୍ଣଶ୍ରୀ ପକ୍ଷରୁ ସମୂହ ଦୀପଦାନ



ବାଲେଶ୍ୱର, ୧୭/୦୭ (ନି.ପ୍ର): ସୁବର୍ଣ୍ଣଶ୍ରୀ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଗତ ରବିବାର ସକାଳେ ଦୁର୍ଘଟଣାର ଶିକାର ହୋଇ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଅତି ସଂକଟାଜନକ ଅବସ୍ଥାରେ ଚିକିତ୍ସାଧୀନ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତଙ୍କ ଆରୋଗ୍ୟ କାମନା କରି ବାଲେଶ୍ୱର ସହରସ୍ଥ ଲଳିତେଶ୍ୱରୀ କାଳି ମନ୍ଦିରରେ ସୋମବାର ସନ୍ଧ୍ୟାରେ ସମୂହ ଦୀପଦାନ ସହ ମା'ଙ୍କଠାରେ ପୂଜାର୍ଚ୍ଚନା କରାଯାଇଛି। ଗୁରୁତର ଅବସ୍ଥା ମଧ୍ୟରେ ଭେଣ୍ଟିଲେଟରରେ ରଖାଯାଇଥିବା ଅଶ୍ୱିନୀ ହସ୍ପିଟାଲର ଟ୍ରମା ସେଣ୍ଟରରେ ଶ୍ରୀଯୁକ୍ତ ରାଉତଙ୍କର ଏଯାବତ୍ ପରିସ୍ଥିତିରେ କୌଣସି ସୁଧାର ଆସିନାହିଁ। ଚେତନାଶୂନ୍ୟ ଅବସ୍ଥାରେ ଦୀର୍ଘ ବାସ୍ତରୀ ଘଣ୍ଟାର ପ୍ରତୀକ୍ଷା ରହିଛି। ପରେ ଯାହା କିଛି ଜଣାପଡ଼ିବ। ଆଜି କଟକ ମେଡିକାଲ କଲେଜର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାର ମଧ୍ୟ ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଥିଲା ବେଳେ ସାରା ରାଜ୍ୟର ଲେଖକ ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀଯୁକ୍ତ ରାଉତଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ଆଜିର ଏହି ସମୂହ ଦୀପଦାନ କାର୍ଯ୍ୟକ୍ରମରେ କବି କାଳୀପଦ ପଣ୍ଡା, ସୃଷ୍ଟିଧର ପରିଡ଼ା, ଉଦୟ ନାରାୟଣ ଦାସ, ଡ. ରତ୍ନାକର ସିଂହ, ସୁଧାକର ସେଠୀ, ଜିତେନ୍ଦ୍ର ପୁହାଁଣ ପ୍ରମୁଖ ଅନେକ ବ୍ୟକ୍ତି ଯୋଗଦାନ କରିଥିଲେ।

# କଙ୍ଗାରୁ କୋର୍ଟରେ ଦଣ୍ଡିତ ହୋଇ ୧୪ ମାସ ହେଲା ୩ ପରିବାରର ୩୦ ସଦସ୍ୟ କାଟୁଛନ୍ତି ବାସନ୍ଦ ଜୀବନ

ବୌଦ୍ଧ, ୧୭/୦୭ (ନି.ପ୍ର): ଗ୍ରାମର କଙ୍ଗାରୁ କୋର୍ଟ ଦ୍ୱାରା ଦଣ୍ଡିତ ହୋଇ ୧୪ ମାସ ହେଲା ୩ ପରିବାରର ୩୦ ସଦସ୍ୟ କାଟୁଛନ୍ତି ବାସନ୍ଦ ଜୀବନ। ଏହିପରି ଏକ ଅଭାବନୀୟ ଘଟଣା ଘଟିଛି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସାମ୍ଭୋଚ ପଂଚାୟତର ଫକୀରପୁର ଗ୍ରାମରେ । ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ଅନ୍ଧ ଗଳିରୁ ଆଜି ବି ମୁକୁଳି ପାରିନାହିଁ ସଭ୍ୟ ମଣିଷ ସମାଜ । ଯାହାର କରୁଣ ପରିଣତି ଦେଖିବାକୁ ମିଳିଛି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସାମ୍ଭୋଚ ପଂଚାୟତର ଫକୀରପୁର ଗ୍ରାମରେ । ହୀନ ରାଜନୈତିକ ଷଡ଼ଯନ୍ତ୍ରର ଶୀକାର ହୋଇ ଖଟ ଦେବତାର ନ୍ୟାୟରେ ଗ୍ରାମରେ କଙ୍ଗାରୁ କୋର୍ଟ ଦ୍ୱାରା ଦଣ୍ଡିତ ହୋଇ ୧୪ ମାସ ହେଲା ବାସନ୍ଦ ଜୀବନ କାଟୁଛନ୍ତି ୩ ପରିବାରର ୩୦ ସଦସ୍ୟ । ପୁଲିସ ଓ ପ୍ରଶାସନ ସବୁ ଜାଣି ନିରବଦ୍ରଷ୍ଟା । ନ୍ୟାୟ ଆଶାରେ ବାର ଦୁଆର ବୁଲୁଛନ୍ତି ଅସହାୟ ପରିବାର । ବିଳମ୍ବରେ ହେଲେ ମଧ ଏହି ଘଟଣା ଏବେ ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି । ଘଟଣାର ପୃଷ୍ଠଭୂମି ସୃଷ୍ଟି ହୋଇଥିଲା ଗତ ପଂଚାୟତ ନର୍ବାଚନ ପରେ । ନିର୍ବାଚନ ଫଳାଫଳ ପରେ କିଏ କାହାକୁ ସମର୍ଥନ ଜଣାଇଲା ତାହାକୁ ନେଇ କିଛି ଲୋକଙ୍କ ମଧରେ ହୋଇଥିଲା ମତଭେଦ । ଏହାକୁ ନେଇ ଘଟଣାର ସୃଷ୍ଟି ହୋଇଥିବା ଆଲୋଚନା ହୁଏ । ସୂଚନା ମୁତବାକ, ଫକୀରପୁର ଗ୍ରାମର ସୁକାନ୍ତ ଭୋକ୍ତାଙ୍କ ଘରୁ ଦୁଇଟି ସୁନାହାର ଚୋରୀ ହୋଇଯାଇଥିବା ସେ ଅଭିଯୋଗ କରିଥିଲେ । ଏହାକୁ ନେଇ କିଛି ଲୋକଙ୍କୁ ସେ ସନ୍ଦେହ କରୁଥିବା ପ୍ରକାଶ କରିଥିଲେ । ସୁକାନ୍ତଙ୍କ ଅଭିଯୋଗ ପରେ ଗ୍ରାମ ସଭାପତି ଏକାଦଶୀ ମାଝି ଗ୍ରାମସଭା ଡକାଇ ମାମଲାର ସମାଧାନ ପାଇଁ ଉଦ୍ୟମ କରିଥିଲେ । କିନ୍ତୁ, ସୁନାହାର ଚୋରୀ ମାମଲାର ସମାଧାନ ଗ୍ରାମସଭାରେ ହୋଇନପାରିବାରୁ ଖଟଦେବତା ଡକାଇ ସୁନାହାର ଖୋଜିବାକୁ କିଛି ଗ୍ରାମବାସୀ ମତବ୍ୟକ୍ତ କରିଥିଲେ । କିନ୍ତୁ ଗ୍ରାମ ସଭାପତି ଶ୍ରୀ ମାଝି ପୁଲିସ ଓ ଆଇନର ଆଶ୍ରୟ ନେବାକୁ ମତ ଦେଇଥିଲେ । ହେଲେ ତାଙ୍କର ପରାମର୍ଶକୁ କୌଣସି ଗୁରୁତ୍ୱ ଦିଆଯାଇନଥିଲା । ଖଟଦେବତା ଡାକିବା ସପକ୍ଷରେ ଅଧିକ ଲୋକଙ୍କ ସମର୍ଥନ ରହିଥିବାରୁ ଗ୍ରାମ ସଭାପତି ଶ୍ରୀ ମାଝି ଚୁପ ରହିବାକୁ ବାଧ ହୋଇଥିଲେ । ଶେଷରେ ଗ୍ରାମବାସୀଙ୍କ ନିଷ୍ପତିରେ ନୟାଗଡ ଜିଲା ମଧଖଣ୍ଡ ଅଂଚଳରୁ ଖଟଦେବତା(ଗୁଣିଆଁ) ଆସି ଗ୍ରାମରେ ପହଂଚିଥିଲେ । ନିଷ୍ପତି ହେଲା ଖଟ ଦେବତା ଯାହାକୁ ଧରିବେ ଚୋରୀ ସୁନା ସହ ଖଟଦେବତା (ଗୁଣିଆଁ) ଖର୍ଚ୍ଚ ଓ ଗ୍ରାମସଭା ଦ୍ୱାରା ଯାହା ଅର୍ଥଦଣ୍ଡ ମିଳିବ ତାଙ୍କୁ ଦେବାକୁ ପଡିବ । ଏ ସଂପର୍କରେ ପୁଲିସ ନିକଟରେ ସୂଚନା ପହଂଚିଲେ ସମସ୍ୟା ହୋଇପାରେ, ତେଣୁ ଦିନ ବଦଳରେ ରାତ୍ରି ୮ଟା ସମୟରେ ଗ୍ରାମରେ ଖଟଦେବତା ବୁଲାଇ ସୁନା ଚୋର ଧରିବାକୁ ନିଷ୍ପତି ହୋଇଥିଲା । ଗୁଣିଆଁ କୁଆଡେ ଦୁଇଘଣ୍ଟା ମଧ୍ୟରେ ଚୋର ଧରିଦେବାକୁ କହିଥିଲେ । ଗ୍ରାମରେ ଖଟ ଦେବତା ବୁଲିଲା । ଗ୍ରାମର ଦୁଇଜଣ ବ୍ୟକ୍ତି ନାରାୟଣ ବାରିକ୍ ଓ ବିଜୟ ପ୍ରଧାନଙ୍କ ଦେହରେ ଖଟଦେବତା ବାଜିଲେ । କିନ୍ତୁ ସେମାନେ ସୁନା ଚୋରୀ କରିଥିବା କଥା ମାନିଲେନାହିଁ ଏବଂ ଖଟଦେବତା (ଗୁଣିଆଁ) ସହ ପାଟିତୁଣ୍ଡ ଆରମ୍ଭ କରିଦେଲେ । ପରିସ୍ଥିତି ଦେଖି ଗୁଣିଆଁ କହିଲା ତୁମେ ସୁନା ଚୋରୀ କରିନାହିଁ ତୁମ ଦେହରେ ଭୁଲରେ ଖଟ ବାଜିଗଲା, ତେଣୁ ତୁମେ ଗାଁର ପୋଖରୀ ଆଡେ ଚାଲିଯାଅ । ପରେ ସକାଳ ପାହିବା ପର୍ଯ୍ୟନ୍ତ ଖଟଦେବତା ଗ୍ରାମରେ ବୁଲିଥିଲା । କିନ୍ତୁ ଚୋର ଧରାପଡିନଥିଲା । ପରଦିନ ଥିଲା ସାବିତ୍ରୀ ଅମାବାସ୍ୟା, ତେଣୁ ଆଉ ଖଟଦେବତା ବୁଲାଯିବ କି ନାହିଁ ବୋଲି ଗୁଣିଆଁ ଗ୍ରାମସଭାପତିଙ୍କୁ ପଚାରିବାରେ ସେକଥା ଗ୍ରାମବାସୀ ଯାହା ନିଷ୍ପତି ନେବେ ବୋଲି ସେ କହିଥିଲେ । ତେବେ ଗ୍ରାମବାସୀ ଖଟଦେବତା ତ ଚୋର ଧରିସାରିଥିଲା, ତେଣୁ ଖଟ ବାଜିଥିବା ଦୁଇ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ନିଷ୍ପତି ଶୁଣାଇଥିଲେ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ଅଭିଯୋଗରେ ଗ୍ରାମ ସଭାପତିଙ୍କ ପରିବାରକୁ ମଧ ୧ ଲକ୍ଷ ଟଙ୍କା ଜୋରିମାନା ଦେବାକୁ କୁହାଯାଇଥିଲା । ଖଟଦେବତା ବାଜିଥିବା ଦୁଇ ପରିବାର ସେମାନେ ସୁନା ଚୋରୀ କରିନାହାନ୍ତି ବୋଲି ଅଂଚଳର ଅଧିଷ୍ଠାତ୍ରୀ ଦେବୀ ଭୈରବୀ ଠାକୁରାଣୀଙ୍କ ନିକଟରେ ସେମାନେ ଏଥିପାଇଁ ନିୟମ କରିପାରିବେ ବୋଲି କହିଥିଲେ ମଧ ସେମାନଙ୍କ କଥାକୁ ଆଉ କେହି ଶୁଣିନଥିଲେ । ଚୋରୀ କରିନଥିଲେ ମଧ ଆମ ଦେହରେ କାହିଁକି ଖଟ ବଜାଇଲୁ କହି ଦୁଇ ପରିବାର ଲୋକ ଗୁଣିଆଁ ସହ ପାଟିତୁଣ୍ଡ କରିବାରୁ ଗ୍ରାମରେ ପରିସ୍ଥିତି ଦେଖି ଖଟଦେବତା (ଗୁଣିଆଁ) ନିଜ ଜୀବନ ବଂଚାଇବାକୁ ପୁରା ପାରିଶ୍ରମିକ ନପାଇଲେ ବି ସେଠାରୁ ଛୁ ମାରିଲେ । ଜୋରିମାନା ନଦେଲେ ଗ୍ରାମ ସଭାପତି ସମେତ ତିନି ପରିବାରକୁ ଗ୍ରାମରେ ନିଆଁ, ପାଣି, ରାସନ, ବାସନ୍ଦ କରାଗଲା ।

# ନିଖିଳ ଉତ୍କଳ ଶିକ୍ଷକ ଫେଡେରେସନର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୧୭/୦୭ (ନି.ପ୍ର): ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧରେ ରାଜ୍ୟ ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ଆବାହନ କ୍ରମେ ସଭାନେତ୍ରୀ ଶାନ୍ତିଲତା ସାହୁଙ୍କ ଅଧକ୍ଷତାରେ ପରାମର୍ଶଦାତା ଦିଲ୍ଲୀପ ବହିଦାର, ରାଜ କିଶୋର ସାହୁ, ଭୁବନେଶ୍ୱର ଦ୍ୱିବେଦୀ, ଆଚାର୍ଯ୍ୟ ସୁଚିତ୍ର ସୁନା, ମୁଖ୍ୟବକ୍ତା ବିକ୍ରମ କେଶରୀ ମିଶ୍ରଙ୍କ ଉପସ୍ଥିତିରେ ମଧୁସୂଦନ ନାୟକଙ୍କ ସଂଯୋଜନାରେ ସଭା କାର୍ଯ୍ୟଟି ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହ ସମ୍ପାଦିକା ଅନୁପମା ପ୍ରହରାଜ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଭାରେ ଜିଲ୍ଲାରୁ ଅବସର ଗ୍ରହଣ କରିଥିବା ଜିଲ୍ଲା ସହ ସମ୍ପାଦିକା ବିଜୟ ଲକ୍ଷ୍ମୀ ମିଶ୍ର, ପ୍ରମୋଦ ସା, ପୂର୍ବତନ ସଭାପତି ଇନ୍ଦୁଭୂଷଣ ଡାଙ୍ଗଙ୍କୁ ସମ୍ବର୍ଦ୍ଧିତ କରିବା ସହ, ପଦୋନ୍ନତି ପାଇଥିବା ଶିକ୍ଷକ ଆଦିତ୍ୟ ଦାନି, ତୁଷାର କର୍ମୀ, ଅନିଲ ବେହେରା, ଶାନ୍ତିଲତା ସାହୁ, ବସନ୍ତ ବୁଡେକ, ବିପିନ ବୁଡେକ, ଦୁର୍ଯ୍ୟୋଧନ ପସାୟତ ଭଳି କୃତି ଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା । ସଭାରେ ଅଲ ଇଣ୍ଡିଆ ନାଁରେ ଓପିଏସ୍ ? ରଥ ନାମରେ ଯେଉଁ ଶିକ୍ଷକ ଅନୁଦାନକୁ ଦୁରୁପଯୋଗ କରାଯାଉଛି, ତାକୁ ପ୍ରତିହତ କରିବା ଏବଂ ଯେଉଁମାନେ ପଦୋନ୍ନତିକୁ ବନ୍ଦ କରୁଛନ୍ତି ତାଙ୍କୁ ଅସହଯୋଗ କରିବା ପାଇଁ ମଧ ନିଷ୍ପତି ଗ୍ରହଣ କରାଗଲା । ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢୁଥିଲେ ମଧ ରାସନ କୋଷ୍ଟ ବଢୁନାହିଁ, ଏଥିପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମଧ ପ୍ରସ୍ତାବ ଗ୍ରହଣ କରାଗଲା । ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ, ସ୍କୁଲ ପରିଦର୍ଶନ ଓ ପରିଦର୍ଶକ ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷାଦାନ କାର୍ଯ୍ୟ ପାଇଁ ସରକାରଙ୍କୁ ଅନୁରୋଧ କରାଗଲା । ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାତାପତ୍ର, କଲମ ଓ ବ୍ୟାଗ ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ ପାଇଁ ମଧ ନିଷ୍ପତି ଗ୍ରହଣ କରାଗଲା । ଶେଷରେ ରାଜ୍ୟ ସହସମ୍ପାଦକ ପ୍ରଶାନ୍ତ ପୁରୋହିତ ଓ ମହିଳା ସେଲ ଅଧକ୍ଷା ଲକ୍ଷ୍ମୀପ୍ରିୟା ପଟେଲଙ୍କୁ ସମ୍ମାନିତ କରାଗଲା । ବୌଦ୍ଧ ଜିଲ୍ଲା ସଂଘ ଶିଶିର ଖଟୁଆ ପୁରୁଣା ପେନସନ ଉପରେ ଆନ୍ଦୋଳନ ଚାଲୁ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସମ୍ବଲପୁର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନାଥ ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସଭା କାର୍ଯ୍ୟ ସମାପନ ଘୋଷଣା କଲେ ସଭାନେତ୍ରୀ ଶାନ୍ତିଲତା ସାହୁ ।

# କୁଳିଦା ଜନସେବା କେନ୍ଦ୍ରରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବସ୍ତା , ୧୭/୦୭ (ନି.ପ୍ର): ବସ୍ତା ବ୍ଲକ ଗୁଡ଼ିଖାଲ ସ୍ଥିତ କୁଳିଦା ଜନସେବା କେନ୍ଦ୍ର ପକ୍ଷରୁ ସିଏସସି ଏସପିଭିର ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରକୁ ବସ୍ତା ଏସଡିପିଓ ଜଲନ୍ଧର ଜାଲି, ସ୍ତମ୍ଭକାର ତଥା ସମାଜସେବୀ ସୁଦର୍ଶନ ଦାସ ଓ ସିଏସସିର ଜିଲ୍ଲା ପରିଚାଳକ ଦେବପ୍ରସାଦ ମହାନ୍ତି ମିଳିତ ଭାବେ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଙ୍ଘର ଉପସଭାପତି ତଥା ପରିବେଶବିତ୍, ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ସେନାପତି,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି, ଶିକ୍ଷକ ପିତାମ୍ବର ନାୟକ, ଗୋପାଳ କୃଷ୍ଣ ମହାପାତ୍ର, ସରପଞ୍ଚ ପ୍ରତିନିଧି ଜୟକୃଷ୍ଣ ସେନାପତି, ଅବସର ପ୍ରାପ୍ତ୍ୟାଙ୍କ କର୍ମଚାରୀ ଅଶ୍ୱିନୀ କୁମାର ଦାସ, ବାରିଷା ମାର୍ଣ୍ଡି ,ଶଙ୍କର ଜେନା ଓ ନୀଳଗିରି ବ୍ଲଡବ୍ୟାଙ୍କ ଅଧିକାରୀ ଡାକ୍ତର ତ୍ରିନାଥ ପାଳ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏଭଳି ସମୟରେ ରକ୍ତର ଅଭାବକୁ ପୂରଣ କରିପାରୁଥିବାରୁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ । ଡାକ୍ତର ପାଳଙ୍କ ନେତୃତ୍ୱରେ ନୀଳଗିରି ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । କୁଳିଦା ଜନସେବା କେନ୍ଦ୍ରର ଉଦ୍ୟୋକ୍ତା ଜନ୍ମେଜୟ ପରିଡ଼ା ଶିବିରକୁ ପରିଚାଳନା କରିଥିବା ବେଳେ ଗଣେଶ ଚନ୍ଦ୍ର ନାୟକ, ଶିକ୍ଷକ ଅଭିମନ୍ୟୁ ପ୍ରଧାନ,ଗିରିଜା ଶଙ୍କର ପ୍ରଧାନ, ଶିକ୍ଷୟତ୍ରୀ ଯୁଗସ୍ମିତା ଭୂୟାଁ, କାହ୍ନୁ ଚରଣ ଚୌଧୁରୀ, ଚିତ୍ତରଞ୍ଜନ ପରିଡ଼ା,ଅରୁଣ ଲେଙ୍କା, ଅରୁଣ ପରିଡ଼ା, ଅଞ୍ଜନ ଦତ୍ତ,କିମ ବେହେରା,ସପନ କୁମାର ବେହେରା, ଉମେଶ ଚନ୍ଦ୍ର ବେଜ, ମଧୁସୂଦନ ବେହେରା, ସାମ୍ବାଦିକ ରାମ ବେହେରା .ମଧୁସୂଦନ ଦତ୍ତ,ଚତୁର୍ଭୁଜ ହାତୀ, ଶ୍ରୀଚନ୍ଦନ ଦତ୍ତ ଓ ଗୁଡିଖାଲ ବଜାର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ରକ୍ତ ଦାନ ଶିବିର ସହ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ସମସ୍ତ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା ଓ ପ୍ରତ୍ୟେକ ରକ୍ତଦାତା ଙ୍କୁ ଗୋଟିଏ ଗୋଟିଏ ଚାରା ବିତରଣ କରାଯାଇଥିଲା । ଏହି ଶିବିରରୁ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଦାଦନ ଶ୍ରମିକଙ୍କ ହାତ କଟା ଘଟଣା : ଶ୍ରମ ସଚିବ ଓ କର୍ମଚାରୀ ନିୟୋଜନ ବିଭାଗର ତଦନ୍ତ ଆରମ୍ଭ

କନ୍ଧମାଳ, ୧୭/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଡହଲପଡ଼ି ସାହିର ଦାଦନ ଶ୍ରମିକଙ୍କ ହାତ କଟା ଘଟଣାର ତଦନ୍ତ ଶ୍ରମ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଉପ ଶ୍ରମ ସଚିବ ଓ କର୍ମଚାରୀ ନିୟୋଜନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଜଣାପଡ଼ିଛି । ଗତ ମାସରେ ବାଲିଗୁଡା ଏନଏସିର ଦୁଇ ନମ୍ବର ୱାର୍ଡର ଅଙ୍ଗଦ ମଲିକ ଦାଦନ ଖଟିବାକୁ ଭଗାମୁଣ୍ଡା ସାହିର ଜଣେ ଯୁବକଙ୍କ ସାଙ୍ଗରେ ମୁମ୍ବାଇ ଯାଇଥିବା ବେଳେ ସେଠାରୁ ସେ ଦୁଇ ହାତ କଟାଥିବା ଅବସ୍ଥାରେ ଉଦ୍ଧାର ହୋଇ ଘରକୁ ଫେରିଥିଲେ । ଘଟଣାକୁ ନେଇ ବାଲିଗୁଡ଼ା ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବା ଓ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ପରେ ପ୍ରଶାସନ ଓ ସରକାରୀ ସ୍ତରରେ ତତ୍ପରତା ଦେଖାଦେଇଥିଲା । ୧୨ ଦିନ ପରେ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗର ନିର୍ଦ୍ଦେଶ ପ୍ରକାରେ ଆଜି ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ନିୟୋଜନ ଉପ ଶାସନ ସଚିବ ନିରଞ୍ଜନ ବେହେରା ଓ ଉପ ଶାସନ ସଚିବ ନରୋତମ ଦାଶ ଦୁଇଜଣିଆ ଟିମ୍ ସହ ଜିଲ୍ଲା ଶ୍ରମ ଅଧିକାରୀ, ଉପ ଶ୍ରମ ଅଧିକାରୀ, ବାଲିଗୁଡ଼ା ତହସିଲଦାର ଏବଂ ସହକର୍ମୀ ଡହଲପଡ଼ି ସ୍ଥିତ ହାତ କଟା ଶ୍ରମିକ ଅଙ୍ଗଦ ମଲିକଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଥିବା ବେଳେ ଦୁଇ ହାତ ହରେଇଥିବା ଅଙ୍ଗଦଙ୍କ କୁନି ପୁଅ ଓ ମାଆ ଯେଉଳି ସରକାରୀ ସୁବିଧା ପାଇବେ ଏବଂ ଅଙ୍ଗଦଙ୍କ ଉତମ ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଆଗାମୀ ସମୟରେ ବିଭାଗ ପକ୍ଷରୁ ଯେଉଁ ସବୁ ସୁବିଧା ହୋଇପାରିବ ତାହା ଯୋଗାଇ ଦିଆଯିବ ବୋଲି ମଧ ବିଭାଗୀୟ ଅଧିକାରୀ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ସେପଟେ ସରକାରଙ୍କ ତଦନ୍ତ ଓ ସାହାଯ୍ୟରେ ପୂର୍ଣ୍ଣ ବିଶ୍ୱାସ ରଖିଥିବା କହିଛନ୍ତି ଦୁଇ ହାତ ହରେଇଥିବା ଦାଦନ ଶ୍ରମିକ ଅଙ୍ଗଦ ।

## ଶ୍ରେଷ୍ଠ ବିଧାୟିକାଙ୍କୁ ମେଓ୍ୱା ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା

ଧର୍ମଶାଳା, ୧୭/୦୭ (ନି.ପ୍ର): ସର୍ବ ଭାରତୀୟ ସ୍ତରରେ ଶ୍ରେଷ୍ଠ ବିଧାୟକଙ୍କ ମଧ୍ୟରେ ବରୀର ସୁନନ୍ଦା ଦାସ ବିଧାୟିକା ରହିଥିବାରୁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଉଛି । ଏହି ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ମେଓ୍ୱା' ପକ୍ଷରୁ ଆଜି ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ବରିଷ୍ଠ ଶିକ୍ଷାବିତ୍ ଆଲାଉଦ୍ଦିନ୍ ଖାଁନଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ । ବ୍ରହ୍ମବରଦା 'ମେଓ୍ୱା'ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ବିଧାୟିକାଙ୍କ ଭୂମିକା ଅନୁଳନୀୟ । ଏହି ଅନୁଷ୍ଠାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଶହଶହ ଛାତ୍ରଛାତ୍ରୀ ବେଶ୍ ଉପକୃତ ହୋଇପାରୁଛନ୍ତି । ଫଳରେ ଅନୁଷ୍ଠାନ ପକ୍ଷରୁ ଶ୍ରୀମତି ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ଅଖତର ହୋସେନ ଖାଁ,ସମ୍ପାଦକ ଅକ୍ତର ହୋସେନ,ଉପସଭାପତି ଅବୁବକର ଖାଁ , ସହ ସମ୍ପାଦକ ଫିରଦୋଶ ଆଲାମ ଖାଁ ଓ କୋଷାଧ୍ୟକ୍ଷ ଅସନାନ ଅଲ୍ଲୀଙ୍କ ସମେତ ଅବଦୁଲ ରସିଦ୍ ଖାଁ,ଅବଦୁଲ ରୋଫ ଖାଁ,ଜାକିର ଅଲ୍ଲୀ,ଅବଦୁସ ସକୁର ଖାଁ,ଅନଓ୍ୱର ଖାଁ,ରାକେଶ ଦେଓ,ଇସାକ୍ ଖାଁ,ଜୁଲଫିକର ଅଲ୍ଲୀ ଖାଁ,ଜାଓ୍ୱେଦ ଖାଁ ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସେବାନିବୃତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର, ୧୭/୦୭ (ନି.ପ୍ର): ଝାରପଡା କ୍ଲଷ୍ଟର ଅନ୍ତର୍ଗତ ଜିଗ୍ନିପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସେବା ନିବୃତ କର୍ମଚାରୀମାନଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବଡମ୍ବା ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ଜିଗ୍ନିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଉତ୍ସବ ଚନ୍ଦ୍ର ଦାସ, ମହାଜନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ମିଶ୍ରଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ସରପଂଚ ତିଳୋତମା ରାଉତ, ମୁଖ୍ୟବକ୍ତା ଭାବେ ସିଆରସିସି ପିତାମ୍ବର ବେହେରା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଧୀରେନ୍ଦ୍ରନାଥ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଲକ୍ଷ୍ମୀନାରାୟଣ ରାଉତ, ପ୍ରାକ୍ତନ ସିଆରସିସି କୁଳମଣି ବରାଳ, ପ୍ରଭାକର ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ଭବାନୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀମାନଙ୍କର ଗୁଣଗାନ କରିଥିଲେ । ବରିଷ୍ଠ ଶିକ୍ଷକ ବୃନ୍ଦାବନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ଶିକ୍ଷକ ବିଜୟ କୁମାର ରଣା, ଉମାକାନ୍ତ ପ୍ରଧାନ, ଶିକ୍ଷୟିତ୍ରୀ ମୀନାକୁମାରୀ ସେଠୀ, ସାକେରା ସରଓ୍ୱାର,ଭାରତୀ ଦାସ, କାଦମ୍ବିନୀ ବେଉରିଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲା ବେଳେ ଶେଷରେ ଶିକ୍ଷକ ରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନ୍ଦିର ସୁରକ୍ଷା ସମିତିର ଅଧିବଶନ ଅନୁଷ୍ଠିତ

ଜୟପୁର, ୧୭/୦୭ (ନି.ପ୍ର): ଜୟପୁର ସ୍ଥିତ ସ୍ୱେଛାସେବି ଅନୁଷ୍ଠାନ ସିଓ୍ୱା କାଯ୍ୟାଳୟ ଠାରେ ମନ୍ଦିର ସମିତ ଅଧିବେଶନ ଶକ୍ତି ପ୍ରସାଦ ଷଡଙ୍ଗୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ସଭାର ଆବାହକ ନିରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ଏହି ସମିତିର ମୁଖ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ । ସମିତିର ସବ ସମ୍ମତି କ୍ରମେ ଜୟପୁର ତଥା ବ୍ଲକ ଅଧିନରେ ରହିଥିବା ସମସ୍ତ ମନ୍ଦିର ଧର୍ନ ଅନୁଷ୍ଠାନର ଦୁଇ ଜଣଙ୍କୁ ସାମିଲ କରିବା ନିମନ୍ତେ ସ୍ଥିର କରାଯାଇଛି । ତହସିଲଦାର ଙ୍କ ସହ ସମ୍ପର୍କ କରି ତାଙ୍କ ମାଧମରେ ଜୟପୁର ସହର ନିକଟସ୍ଥ ଗ୍ରାମ ଗୁଡିକରେ କେତୋକି ମନ୍ଦିର ରହିଛି ।

# କେନ୍ଦ୍ରାପଡା ଓ ଶାଖା କେନାଲରେ ପାଣି ଦେବା ନେଇ ବିଳମ୍ବ : ଚାଷୀ ଅସନ୍ତୋଷ

ସାଲେପୁର, ୧୭/୦୭ (ନି.ପ୍ର): ଜୁଲାଇ ମାସ ଶେଷ ହେବାକୁ ବସିଲା । କେନ୍ଦ୍ରାପଡା ଓ ଏହାର ଶାଖା କେନାଲରେ ଜଳସେଚନ ବିଭାଗ ତରଫରୁ ପାଣି ଛଡାଯାଉନଥିବାରୁ ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଥିବା ଜଣାଯାଇଛି । ଖବର ଅନୁଯାୟୀ କେନ୍ଦ୍ରାପଡା ଓ ଏହାର ଶାଖା କେନାଲ ଉପରେ ନିର୍ଭର କରୁଥିବା କେନ୍ଦୁପାଟଣା, ବୁହାଳ, ଅସୁରେଶ୍ୱର, ନିଶ୍ଚିନ୍ତକୋଇଲି, ସରପଡା, ବଡକ୍ଷୀର , ନତକାଇ,ମଣ୍ଡଣ, ତିଲକଣା, ନଗସପୁର, ଦାଉଦପୁର, ନରେନ୍ଦ୍ରପୁର ଇତ୍ୟାଦି ପଂଚାୟତର ହଜାର ହଜାର ଚାଷୀ କେନାଲ ପାଣିଉପରେ ନିର୍ଭର କରି ନିଜର ଚାଷ କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ପୂର୍ବରୁ ବର୍ଷା ଠିକ୍ ଭାବେ ହେଉନଥିବାରୁ ଚାଷୀମାନେ ଜମିକୁ ଖରାଟିଆ ଚାଷ କରିପାରିନଥିଲେ । ୧୫ ଦିନ ପୂର୍ବରୁ ଯେଉଁ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିଲା ସେଥିରେ କିଛି ଚାଷୀ ଧାନତଳି ପକାଇଦେଇଥିବା ବେଳେ ଆବଶ୍ୟକ ବର୍ଷା ଅଭାବରୁ ତଳିଗୁଡିକ ନଷ୍ଟ ହୋଇଯାଉଥିଲା । ଦୁଇ ଦିନ ହେଲା ଲଘୁଚାପ ଜନିତ ବର୍ଷା ଯୋଗୁ ଚାଷୀମାନେ ଆଶ୍ୱସ୍ତିଲାଭ କରିଛନ୍ତି ସତ ହେଲେ କେନାଲରେ ପାଣି ଏଯାବତ୍ ଛଡାଯାଇନାହିଁ । ବାହାଘର ବେଳେ ବାଇଗଣ ରୁଆ ସଦୃଶ ଜୁଲାଇ ମାସ ୧୫ ତାରିଖରୁ କେନାଲ ସଫେଇ କାର୍ଯ୍ୟ ଚାଲୁଅଛି । ପାଣି ପଂଚାୟତ ମାଧମରେ ମୁଖ୍ୟ କେନାଲ ଓ ବ୍ରାଜ କେନାଲ ସଫେଇ ଠିକ୍ ଭାବେ ହେଉନଥିବାରୁ ଚଳିତ ବର୍ଷ ଚାଷୀମାନେ ପାଣି ସୁଚାରୁ ରୂପେ ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବରୁ ଏହି କେନାଲ ସଫେଇ କରାଯାଇ ଜୁଲାଇ ୧୫ ତାରିଖ ସୁଦ୍ଧା କେନାଲରେ ପାଣି ଆସିଥିଲେ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧରେ ତଳିପକା କାର୍ଯ୍ୟ ସାରିଥାଆନ୍ତେ ବୋଲି କୃଷକ ନେତା ନିରଞ୍ଜନ ସାମଲ ପ୍ରକାଶ କରିଛନ୍ତି ।

# ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୭/୦୭ (ନି.ପ୍ର): କନିକାର ଗାନ୍ଧୀ ଭାବେ ପରିଚିତ କନିକା ପ୍ରଜା ଆନ୍ଦୋଳନର ଅଗ୍ରଦୂତ ବିପ୍ଳବୀ ଚକ୍ରଧର ବେହେରାଙ୍କର ଆଦର୍ଶ ଓ ଆଚରଣ ଥିଲା ଅନନ୍ୟ । ବିପ୍ଳବରୁ ଜନ୍ମ ନିଏ ଶାନ୍ତି ଏବଂ ପ୍ରଗତି । ଏହି ଦୃଷ୍ଟିରୁ ବିପ୍ଳବୀ ଚକ୍ରଧର ବେହେରା କନିକା ରାଜଶକ୍ତିକୁ ପ୍ରତିହତ କରି ଶାନ୍ତି ଓ ମୁକ୍ତି ପ୍ରତିଷ୍ଠାର ଅଗ୍ରଦୂତ ସାଜିଥିଲେ ବୋଲି ଅତିଥି ବକ୍ତାମାନେ ଉଲ୍ଲେଖ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ ଚକ୍ରଧର ବେହେରାଙ୍କୁ ଏକାଧାରରେ ଜଣେ ଦୂରଦ୍ରଷ୍ଟା, ବିପ୍ଳବୀ, ଦରିଦ୍ରର ବନ୍ଧୁ, ବ୍ୟବସ୍ଥାପକ, ସଂଗଠକ ତଥା ଯୁଗପୁରୁଷ ଭାବେ ଅଭିହିତ କରିଥିଲେ । କନିକା ଜନଆନ୍ଦୋଳନକୁ ଅର୍ଦ୍ଧଶତାବ୍ଦୀ ଧରି ସଂଗଠିତ କରିବାରେ ବିପ୍ଳବୀ ଚକ୍ରଧର ବହୁ ତ୍ୟାଗ ଓ କଷ୍ଟ ସ୍ୱୀକାର କରିଥିଲେ । କନିକା ପ୍ରଜାଙ୍କ ହିତ ପାଇଁ ସେ ଅନେକ ଜନହିତକର କାର୍ଯ୍ୟ କରି ଯାଇଛନ୍ତି ବୋଲି ବିଧାୟକ ଶ୍ରୀ ସାମଲ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧାମନଗର ବିଧାୟକ ଶ୍ରୀ ସୂରଜ ସୂର୍ଯ୍ୟବଂଶୀ ଏବଂ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ କୃତି ଓ କୀର୍ତ୍ତି ବାବଦରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଚକ୍ରଧର ଥିଲେ ଆଜନ୍ମ ବିପ୍ଳବୀ । ରାଜତନ୍ତ୍ରର ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ କନିକା ପ୍ରଜାଙ୍କୁ ମୁକ୍ତ କରିବା ପାଇଁ ସେ ବହୁ କଷ୍ଟ ସ୍ୱୀକାର କରିଥିଲେ । ଅନ୍ୟାୟର ପ୍ରତିବାଦ ପାଇଁ ସେ ମୁହୂର୍ତ୍ତେ ବିଳମ୍ବ କରୁନଥିଲେ ଏବଂ ବ୍ୟକ୍ତିଗତ ଲାଭ ପାଇଁ କଦାପି ସାମାନ୍ୟ ସାଲିସ୍ କରୁନଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନୀ ଆଦର୍ଶ ନେଇ ଅନେକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ । କନିକାର ସ୍ୱାର୍ଥ ପାଇଁ ତାଙ୍କ ସଂଘର୍ଷ, ତ୍ୟାଗ ଓ ସେବା ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ବୈଷୟିକ ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କହିଲେ ଯେ ଗୋଟିଏ ସାଧାରଣ ପରିବାରରେ ଜନ୍ମିତ ଚକ୍ରଧରବାବୁ ନିଜର ଆଦର୍ଶ ଓ ଆଚରଣ ପାଇଁ ଜୀବନରେ ଅସାଧାରଣ ପ୍ରତିଷ୍ଠା ଅର୍ଜନ କରିଥିଲେ । ସେ ବିନା ସାଲିସରେ ମୁଣ୍ଡ ଉପରକୁ କରି ଯେଉଁ ସଂଗ୍ରାମ କରିଥିଲେ ତାହା ଇତିହାସରେ ସ୍ମରଣୀୟ ଅଧ୍ୟାୟ ହୋଇରହିବ । ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ 'ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲଝରଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ମହାମେଳି

ବଲାଙ୍ଗୀର, ୧୭/୦୭ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକ ସ୍ଥିତ ଫୁଲଝର ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ଏକ ବିଶାଳ ମେଳି । ଆଜି ଦିନ ଅପରାହ୍ନ ୩ ଟାବେଳେ ଅନୁଷ୍ଠିତ ହୋଇଯାଇଛି । ଏହି ମହାସଭାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲ । ସଂଘର ବ୍ଲକ ସଭାପତି ନିମାଇଁ ଚରଣ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାନ ନାଗରିକ ସଂହିତାରେ ଆଦିବାସୀମାନଙ୍କ ପ୍ରଥକ୍ଷଗତ ଅଧିକାର, ସଂସ୍କୃତି, ପରମ୍ପରା ପ୍ରତି ବିପଦ ଆଶଙ୍କା ଥିବାରୁ ଏହି କାନୁନ ବିରୁଦ୍ଧରେ ଆନ୍ଦୋଳନ କରିବା, ଆଦିବାସୀମାନଙ୍କ ଶିକ୍ଷାର ବିକାଶ, ଅର୍ଥନୈତିକ ପ୍ରଗତି, ସାମାଜିକ ବିକାଶ, ଓଡିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଆଦିବାସୀମାନଙ୍କ ଲୋକନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତ, ସଂସ୍କୃତି, ଦେବଦେବୀ ପୂଜାସ୍ଥଳୀର ବିକାଶ, ଆଦିବାସୀ ଯାନିଯାତ୍ରା ପର୍ବ ପର୍ବାଣୀ, ଜୀବନଜୀବିକାର ବିକାଶ, ମୋ ଘର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମହିଳା ଏସ୍.ଏଚ୍.ଜି.କୁ ବିନା ସୁଧରେ ପାଂଚଲକ୍ଷ ଟଙ୍କା ଋଣ, ରାଜ୍ୟ ସରକାରଙ୍କ ଆଦିବାସୀ ସଶକ୍ତିକରଣ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ସଭାପତି ନିମାଇଁ ଝାଙ୍କର, ଆଦିବାସୀ ନେତା ପାଲା ଭୋଇ, ଗଣ୍ଡ ସମାଜର ନେତା ସୀତାରାମ ଧରୁଆ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଡୁମୁନିଆଁ, ମଧୁ ବିଶ୍ୱାଳ, ରବୀନ୍ଦ୍ର କଇଣ୍ଡା, ହେମନ୍ତ ପୁଟା, ହରିବୋଲ ସଳତର, ଭାସ୍କର ନାଗ, ଯୁଗଳ କିଶୋର ବରିହା, ଶ୍ରୀକର ମଲ୍ଲିକ ଶିବରାମ ସିଂ ମାଝି, ପ୍ରେମରାଜ ସିଂ ମାଝି ଝେଙ୍କୃ ବିଶ୍ୱାଳ, ଶଶୀକାନ୍ତ ଯାନୀ,ଘନଶ୍ୟାମ ଧରୁଆ, ସରୋଜ ଭୋଇ ପ୍ରମୁଖ ଉଦବୋଧନ ଦେଇଥିଲେ ।

# ରକ୍ତହୀନତା

**ଶରୀରରେ ପ୍ରବାହିତ ରକ୍ତରେ ସାଧାରଣତଃ ଲୋହିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲେ ଏହାକୁ ରକ୍ତହୀନତା କୁହାଯାଏ । ଏହା କେତେକ ସ୍ଥଳରେ ରୋଗୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।**





ରକ୍ତହୀନତା ଗୁରୁତର ତଥା ପୁରାତନ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ରୋଗୀ ଶରୀରରେ ହେମାଟୋକ୍ରିଟ ପରିମାଣରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ବେଳେ କୌଣସି ଲକ୍ଷଣ ପରିପ୍ରକାଶ ହୁଏନି । ଗୁରୁତର ରକ୍ତହୀନତା କ୍ଷେତ୍ରରେ ଆରବିସି କୋଷିକାର ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ହୃଦୟର ସ୍ପନ୍ଦନରେ ବୃଦ୍ଧି, ନିମ୍ନ ରକ୍ତଚାପ, ଆଦି ରକ୍ତ ସଂରକ୍ଷଣ ପ୍ରକ୍ରିୟାରେ ଅସ୍ଥିତରତା ସୃଷ୍ଟି ହୋ ସହିତ ଅସ୍ଥିରମନା ତଥା ମୁଣ୍ଡ ବୁଲାଇବା, ନିଶ୍ୱାସପ୍ରଶ୍ୱାସରେ ଅନିୟମିତା ଏବଂ ପାଦରେ ଫୁଲା ଆଦି ଲକ୍ଷଣ ଦେଖିବାକୁ ମିଳେ । ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ତଥା ହେମୋଲିସିସ୍ ବୃଦ୍ଧି ପାଏ ।



ଶରୀରର ଆଭ୍ୟନ୍ତରୀଣ ରକ୍ତସ୍ରାବର ଲକ୍ଷଣ ଶଯ୍ୟା କାଳୀନ ସମୟରେ ପରିପ୍ରକାଶ ପାଇବା ସହିତ ଏକସମ୍ପର୍କରେ ଲାବୋରେଟୋରୀ ତଥ୍ୟକୁ ବିଶଦ ଜଣାପଡ଼ିଥାଏ । ଆଘାତ ଏବଂ ସିରୋସିସ୍ କ୍ଷେତ୍ରରେ ଭେରିସାଲ ରକ୍ତସ୍ରାବ ହେବା ସହିତ ରକ୍ତ ବାନ୍ତି ଏବଂ ମେଲିନା ଆଦି ଦୃଟ୍ଟି ଗୋଚର ହୋଇଥାଏ । ପେପଟିକ୍ ଅଲସର ରୋଗୀଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ପରିପ୍ରକାଶ ହୋଇଥାଏ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ଅର୍ଥୋଷ୍ଟେଟିକ୍ ନିମ୍ନରକ୍ତଚାପ, ହୃଦ ସ୍ପନ୍ଦନର ଗତିରେ ତୀବ୍ରତା ଥଣ୍ଡା ଏବଂ ଲୋଚାକୋଚା ତ୍ୱଚା ବିଚଳିତବୋଧ, ତୃଷ୍ଣା ବୃଦ୍ଧି ଆଦି ଲକ୍ଷଣ ଦେଖାଯାଇଥାଏ । ଯଦି ରୋକ୍ତର ପରିମାଣରେ ୫୦ ପ୍ରତିଶତ ହ୍ରାସ ହୋଇଥାଏ, ତେବେ ହୃଦଘାତ ଏବଂ ମୃତ୍ୟୁବତ୍ ଅବସ୍ଥା ସୃଷ୍ଟି ହୋଇଥାଏ ।

ପୁରାତନ ଯକୃତ ଏବଂ ବୃକକ୍‌ରୋଗ, ବିଷ ପଦାର୍ଥର ପ୍ରକ୍ରିୟା, ସ୍ୱ-ପ୍ରତିରକ୍ଷା ବିକାର, ଶରୀର ଅଭ୍ୟନ୍ତରୀଣ ବିକାରଏବଂ ମ୍ୟାଲେରିଆ ତଥା ପାରାସାଇଟିକ୍ ସଂକ୍ରମଣ ଆଦି ଯୋଗୁ ମଧ୍ୟ ରକ୍ତହୀନତା ସୃଷ୍ଟି ହୋଇଥାଏ ।

କେତେକ ଶାରୀରିକ ଅନିୟମିତା କ୍ଷେତ୍ରରେ ମାଂସପେଶୀ ଏବଂ ଜଏଣ୍ଟ ମଧ୍ୟରେ ରକ୍ତସ୍ରାବ ହୋଇଥାଏ । ଭିଟାମିନ୍ ଅଭାବଯୋଗୁ ତଥା ଗର୍ଭାଧାନ ସମୟରେ ରକ୍ତହୀନତା ସୃଷ୍ଟି ହୋଇଥାଏ ।

**ଚିକିତ୍ସା**

ଖାଦ୍ୟରେ ଲୌହ ଏବଂ ଭିଟାମିନ-ସିର ମାତ୍ରା ବୃଦ୍ଧି କରିବା ଆବଶ୍ୟକ । ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟ, ନଟସ୍, ବିନସ୍, ସମୁଦ୍ରଜାତ ଖାଦ୍ୟ, ମାଂସ ସହିତ ଦୁଗ୍ଧ ଆଦି ଗ୍ରହଣ କରିବା ଉଚିତ୍ ।

ପ୍ୟାକଡ୍ ସେଲ ଟ୍ରାନ୍ସଫ୍ୟୁଜନ, ରିକମ୍ବିନା ଏରିଥ୍ରୋପ୍ରୋଟିନ୍ ଦ୍ୱାରା ବୋନ୍ ମ୍ୟାରୋରେ ଆରସବିସି ଉତ୍ପାଦନ ବୃଦ୍ଧିପାଇଥାଏ ।

ସତେଜ ଫଳ, ଶାଗ, ଫୁଲକୋବି, ବ୍ରୋକଲି, ବିଭିନ୍ନ ମଞ୍ଜି ଗଜା, ଦୁଗ୍ଧ ଉତ୍ପାଦ, କାଦ୍ୟସଶ୍ୟଆଦି ଖାଦ୍ୟରେ ଉପଯୁକ୍ତ ପରିମାଣରେ ଫଲିକ୍ ଏସିଡ୍ ମହଜୁଦ ରହିଥାଏ । ତେଣୁ ଏହାକୁ ଖାଦ୍ୟରେ ନିୟମିତ ଗ୍ରହଣ କରିବା ଉଚିତ।

# ଖାଣ୍ଡଭି

**ଆବଶ୍ୟକ ସାମଗ୍ରୀ**

ବେସନ ଦେଢ଼ କପ୍, ଦହି ଗୋଟେ କପ୍, ଗୋଟେ ଇଞ୍ଚ ଅଦା, ଦୁଇଟି କଞ୍ଚାଲଙ୍କା, ୪ଚାମଚ ରିଫାଇନ୍ ତେଲ, ସ୍ୱାଦ ଅନୁସାରେ ଲୁଣ, ହଳଦୀଗୁଣ୍ଡ ଅଧ ଚାମଚ, ଗୋଯେ ଚାମଚ ଲେମ୍ବୁ ରସ, ଚିମୁଟେ ହେଙ୍ଗୁ, ଗୋଟେ ଚାମଚ ଗୋଟା ରିଷ, ଦୁଇ ଚାମଚ ନଡ଼ିଆ କଟା, କିଛି କଟା ହୋଇଥିବା ଧନିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ**



ପ୍ରଥମେ ବେସନକୁ ଚଲାଇ ଏକ ଗିନାରେ ରଖନ୍ତୁ। ଅଦା ଓ କଞ୍ଚାଲଙ୍କାର ପେଷ୍ଟ ପ୍ରସ୍ତୁତ କରନ୍ତୁ । ପରେ ଦହିରେ ଅଳ୍ପ ପାଣି ମିଶାଇ ଲହୁଣୀ ବାହାର କରନ୍ତୁ । ଏବେ ବେସନରେ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀ, ଲେମ୍ବୁରସ ଓ ଲହୁଣୀକୁ ମିଶାଇ ଦିଅନ୍ତୁ । ଏକ ପ୍ୟାନରେ ଏହି ମିଶ୍ରଣକୁ ଅଳ୍ପ ଆଞ୍ଚରେ ରଖନ୍ତୁ । । ମିଶ୍ରଣ ଭଲ ଭାବେ ଜନ୍ତି ନରମ ହୋଇଗଲେ, ଏହାକୁ ଥାଳିର ପଛପଟେ କିମ୍ବା ମାର୍ବଲ ଜଟାଣ ଉପରେ ଅଳ୍ପ ତେଲ ଲଗାଇ କାଢ଼ନ୍ତୁ । ଏହା ଉପରେ ପତଳା କରି ସମାନ ଭାବେ ଖେଳାଇ ଦିଅନ୍ତୁ । ମିଶ୍ରଣ ଥଣ୍ଡା ହୋଇଯିବା ପରେ ଦୁଇ ଇଞ୍ଚ ଓସାରରେ ଲମ୍ବା କରି କାଟନ୍ତୁ । ଏହାପରେ ଏହାକୁ ଗୋଲ କରି ଗୁଡ଼ାଇ ରଖନ୍ତୁ । ପ୍ୟାନ୍ ଗରମ କରି ଗୁଡ଼ାଇ ରଖନ୍ତୁ । ପ୍ୟାନ୍ ଗରମ କରି ସେଥିରେ ଦୁଇ ଚାମଚ ତେଲ ଦିଅନ୍ତୁ । ଏହି ତେଲରେ ହେଙ୍ଗୁ ଓ ସୋରିଷ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ଖାଣ୍ଡଭି ଉପରେ ଢ଼ାଳି ଦିଅନ୍ତୁ । ତା ଉପରେ ନଡ଼ିଆ କୋରା ଓ କଟା ଧନିଆପତ୍ର ଦେଇ ସଜାନ୍ତୁ ।



# ଗୁମ୍ଫା ମନ୍ଦିର

ଭୋପାଳରେ ପ୍ରସିଦ୍ଧ ଧର୍ମ ସ୍ଥଳୀ ମଧରେ ଗୁମ୍ଫା ବା ଗୁମ୍ଫା ମନ୍ଦିର ଅନ୍ୟତମ । ସହର ଉପକଣ୍ଠସ୍ଥ ଲାଲଘାଟୀରେ ଏହି ମନ୍ଦିର ଅବସ୍ଥିତ । ଦେବାଳୟଟି ଶିବଙ୍କୁ ସମର୍ପିତ । ମନ୍ଦିର ପରିସର ତଥା ଆଖ ପାଖରେ ଏକାଧିକ ଗୁମ୍ଫା ଥିବାରୁ, ଏହି ପରି ନାମ । ଗୋଟିଏ ଗୁମ୍ଫାରେ ସ୍ୱୟଂଭୁ ଶିବଲିଙ୍ଗ ଓ ପିଣ୍ଡି ସୁଶୋଭିତ । ୧୯୪୯ରେ ସ୍ୱାମୀ । ନାରାୟଣ ଦାସ ଶିବଲିଙ୍ଗ ଆବିଷ୍କାର କରିଥିଲେ । ଏହାପରେ ମୁଖ୍ୟ ମନ୍ଦିର ତିଆରି କରାଯାଇଥିଲା । ମୋଟ



ସାତଟି ପ୍ରାକୃତିକ ଗୁମ୍ଫା ଅଛି । ଅନ୍ୟ ଗୁମ୍ଫାଗୁଡ଼ିକରେ ସଂସ୍କୃତ ବିଦ୍ୟାର୍ଥୀମାନେ ରହୁଥିବା ଜଣାଯାଏ । ମନ୍ଦିର ନିକଟରେ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଆୟୁର୍ବେଦୀୟ ଔଷଧାଳୟ, ଗୋଶାଳା ଆଦି ଅଛି ।

# ବିଶ୍ୱର ପ୍ରଥମ ଟ୍ରାନଜିଷ୍ଟର ରେଡ଼ିଓ



ଆଜି ମଧ ଗାଁଗଣ୍ଡାରେ ରେଡ଼ିଓର ଲୋକପ୍ରିୟତା ରହିଛି । ସ୍ମାର୍ଟଫୋନର ଅତ୍ୟାଧୁନିକ ପଦ୍ଧତିରେ ଏଫ ଏମ୍ ସହ ରେଡିଓ ସିଗନାଲ ମଧ ଚାଲିଥାଏ । ତେବେ ବିଶ୍ୱର ପ୍ରଥମ ରେଡିଓ ବିକ୍ରି ଆଜିକୁ ୬୩ ବର୍ଷ ତଳେ ହୋଇଥିଲା । ୧୯୫୫, ଅଗଷ୍ଟ ୭ରେ ଜାପାନର ଟୋକିଓରେ ବିଶ୍ୱର ପ୍ରଥମ ଟ୍ରାନଜିଷ୍ଟର ରେଡ଼ିଓ 'ଟିଆର-୫୫' ବିକ୍ରି ହୋଇଥିବାର ତଥ୍ୟ ମିଳିଛି । ଟୋକିଓ ଟେଲିକମ୍ୟୁନିକେସନ୍ ନାମ୍ନୀ କମ୍ପନୀ ଏଇ ରେଡ଼ିଓ ତିଆରି କରିଥିଲା । ୧୯୫୮ ବେଳକୁ ଏହି କମ୍ପାନୀର ନାମ ପରିବର୍ତ୍ତନ ହୋଇ 'ସୋନି' ରଖାଯାଇଥିଲା । ବିଶ୍ୱର ଏହି ପ୍ରଥମ ରେଡିଓର ଓଜନ ୫୬୦ ଗ୍ରାମ ଓ ମୋଟେଇ ୧.୫ ଇଞ୍ଚ ଥିଲା । ଜାପାନର ଜଣେ ଧନିକ ଶିଳ୍ପପତି ସେତେବେଳେ ଏହାକୁ କିଣିଥିବାର ପ୍ରକାଶ ।

# ଆମେରିକାରେ ଲୋକପ୍ରିୟ 'କ୍ଲାରିଫାଏଡ୍ ବଟର'




ଆମ ଭାରତର ଯେକୌଣସି ପ୍ରାନ୍ତର ମହାନଗରୀ ହେଉ ଅବା ସହରକୁ ଗଲେ, ସେଠା ଲୋକଙ୍କ ସ୍ୱାସ୍ଥ୍ୟ ସଚେତନତା ଦେଖିବାକୁ ମିଳୁଛି । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୋକେ ଏବେ ରିଫାଇନ୍ ତେଲ, ଅଲିଭ ତେଲରେ ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ପସନ୍ଦ କରୁଛନ୍ତି । ଏପରିକି ଲୋ- ଫ୍ୟାଟ୍ ତେଲର ଚାହିଦା ମଧ ଖୁବ୍ ଅଧିକ । ହେଲେ କିଛି ବର୍ଷ ତଳେ ଭାରତୀୟ ଖାଦ୍ୟ ବଜାରର ସ୍ଥିତି ଥିଲା ଭିନ୍ନ । ଅଧିକାଂଶ ରେସ୍ତୋରାଁ ଓ ହୋଟେଲରେ ଘିଅରେ ହିଁ ଖାଦ୍ୟ ତିଆରି କରାଯାଉଥିଲା । ଆଜି ମଧ ଦିଲ୍ଲୀର କେତେକ ଅଞ୍ଚଳରେ ଶୁଦ୍ଧ ଦେଶୀ ଘିଅ ପ୍ରସ୍ତୁତ ବ୍ୟଞ୍ଜନ ଉପଲବ୍ଧ ହୋଇଥାଏ । ଆମେ ଭାରତୀୟ ଲୋକ ଅଲିଭ ତେଲ ଓ ରିଫାଇନ୍ ତେଲର ମୋହରେ ବାନ୍ଧି ହେଉଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ କିନ୍ତୁ ଆମ ଦେଶୀ ଘିଅର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଅବଶ୍ୟ ସେମାନେ ଏହାକୁ ଏକ ଭିନ୍ନ ନାମ 'କ୍ଲାରିଫାଏଡ୍‌ବଟର' ଦେଇଛନ୍ତି । ଭାରତୀୟ ଖାଦ୍ୟ ବିଶେଷଜ୍ଞ ରୁଜୁତାଦିୱେକର ମଧ ସମାନ ତଥ୍ୟ ଗଣମାଧମକୁ ଅବଗତ କରାଇଛନ୍ତି । ଅନେକ ବର୍ଷ ପୂର୍ବେ ଭାରତୀୟ ଲୋକେ ଘିଅର ଉପଯୋଗ ନିୟମିତ କରି ସୁସ୍ଥ ଜୀବନ ଅତିବାହିତ କରୁଥିଲେ, ତେବେ ବର୍ତ୍ତମାନ କିପରି ଏହାର କୁପ୍ରଭାବ ଶରୀର ଉପରେ ପଡ଼ିବ ? ଦୈନିକ ଅଳ୍ପ ପରିମାଣର ଘିଅର ଉପଯୋଗ କରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ ତାହା ବରଂ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞ ସଂଘ ମଧ ସମାନ ମତ ଉପସ୍ଥାପନା କରିଛି । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ନିୟମିତ ଘିଅର ଉପଯୋଗ ସବୁଠୁ ଉତ୍ତମ । ତେବେ ଏହା ଅଧିକ ପରିମାଣରେ ହେବା ହାନିକାରକ । ଆମ ଭାରତୀୟ ଖାଦ୍ୟଶୈଳୀରେ ସକାଳ ଜଳଖିଆରେ ଉପମା, ଦୋସା, ପରଟା, ତରକାରୀ କିଛଇ ମଧ ଅଳ୍ପ ଘିଅର ଉପଯୋଗରେ ପ୍ରସ୍ତୁତ କରିହେବ । ଏହାର ଅର୍ଥ ନୁହେଁ ଯେ ସକାଳ ଜଳଖିଆରେ ଘିଅ ଲଗା ପରଟା ଗୋଟିଏ ବଦଳରେ ଜଣେ ବ୍ୟକ୍ତି ୪ଟା ଖାଇବ । ଏହା ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ । ଯେ କୌଣସି ବ୍ୟଞ୍ଜନ ପ୍ରସ୍ତୁତ କରୁଥିଲେ ମଧ ଅଧ ଚାମଚରୁ ୧ଚାମଚ ଘିଅର ବ୍ୟବହାର କରନ୍ତୁ । ଘିଅ ଆମ ପାଚନ ଶକ୍ତି ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିକଟରେ ହୋଇଥିବା ଏକ ଆମେରିକା ଫୁଡ୍ ଷ୍ଟୋର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେଠାକାର ଏନଆରଆଇ ଭାରତୀୟ ଅଲିଭ ତେଲ କିଣୁଥିବାବେଳେ ଆମେରିକୀୟ ନାଗରିକମାନେ କିନ୍ତୁ ଭାରତୀୟ ଦେଶୀ ଘିଅ କିଣି ନିଜ ଭୋଜନରେ ସାମିଲ କରାଉଛନ୍ତି ।

# ମହଙ୍ଗା ପଡ଼ିଲା କୁକୁର ପ୍ରୀତି

ଯଦି ଆପଣ ଘରେ କୁକୁର ପାଳିଛନ୍ତି ଏବଂ ତା ସହ ଅଧିକ ସମୟ ବିତାଉଛନ୍ତି କି ? ତେବେ ସାବଧାନ । ନିକଟରେ ଆମେରିକାରେ ଦେଖିବାକୁ ମିଳିଛି ଏପରି ଘଟଣା, ଯାହା ଆପଣଙ୍କ କୁକୁରପ୍ରୀତି କମାଇ ଦେଇପାରେ । ଆମେରିକାର ୱିସ୍କୋନ୍ସିନ୍ ଅଞ୍ଚଳରେ ରହୁଥିବା ୪୮ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି କୁକୁରପ୍ରୀତି । ବ୍ୟକ୍ତି ଜଣକ ପାଳିଥିବା କୁକୁର ସହ ଅଧିକ ସମୟ ବିତାଇଥାନ୍ତି । ଏପରିକି କୁକୁର ସହ ଖାଇବା ଓ ଶୋଇବାକୁ ମଧ ପସନ୍ଦ କରୁଥିଲେ । କୁକୁର ସହ ଏତେ ନିବିଡ଼ତା ଯୋଗୁ କୁକୁର ପାଟିରୁ ବାହାରୁଥିବା ଲାଳ ତାଙ୍କ ଶରୀର ମଧ୍ୟରେ ପ୍ରବେଶ କରିଥିଲା । କୁକୁର ଲାଳରେ ଥିବା ଏକ ପ୍ରକାର ବ୍ୟାକ୍ଟେରିଆ ତାଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା । ଏପରିକି ଚାଲାବୁଲା କରିବା ତାଙ୍କ ପାଇଁ ଏକପ୍ରକାର ଅସମ୍ଭବ ହୋଇପଡ଼ିଲା । ଡାକ୍ତରଙ୍କୁ ପରାମର୍ଶ କରିବାକୁ ଜଣାପଡ଼ିଲା ଯେ କୁକୁର ଲାଳ ତାଙ୍କ ଶରୀରରେ ମିଶିଯିବାରୁତାଙ୍କର ଏପରି ଅବସ୍ଥା ହୋଇଛି । ଏପରିକି ସେ ବଞ୍ଚିବା ରହିବା ପାଇଁ ଗୋଡ଼ କାଟିବାକୁ ପଡ଼ିଲା । ଏବେ ବିନା ଗୋଡ଼ରେ ତାଙ୍କୁ ବିତାଇବାକୁ ହେବ ସାରାଜୀବନ ।

# ସୁନା ପାଇଲେ ଘରେ ରଖିବେ ?



ସୁନା ଏପରି ଏକ ମୂଲ୍ୟବାନ ଧାତୁ, ଯାହା ଉପରେ ପ୍ରାଚୀନକାଳରୁ ସମସ୍ତଙ୍କ ବିଶେଷ ଆକର୍ଷଣ ରହିଛି । ପୁରୁଷଙ୍କ ଅପେକ୍ଷା ମହିଳାଙ୍କର ସୁନା ପ୍ରତି ଅଧିକ ଲୋଭ । ସୁନା କିଣିବା ବେଳେ ଶୁଭ ବେଳାକୁ ଗୁରୁତ୍ୱ ଦିଆଯାଏ । ଘରେ ସୁନା ରହିଲେ ଲକ୍ଷ୍ମୀଙ୍କ ବାସ ହେଉଥିବାର ବିଶ୍ୱାସ ରହିଛି । ହେଲେ ସୁନା ମିଳିବା ବା ହଜିବା ଅଶୁଭ ବୋଲି କୁହାଯାଏ । ଜ୍ୟୋତିଷ ଅନୁସାରେ, ଗୁରୁ ଗ୍ରହର ରଙ୍ଗ ହଳଦିଆ ଓ ସୁନାର ରଙ୍ଗ ମଧ ହଳଦିଆ । ସୁନାକୁ ଗୁରୁ ପ୍ରଭାବର ଏକ କାରକ ବୋଲି କୁହାଯାଇଥାଏ । ତେଣୁ ସୁନା ପାଇଲେ ବା ହଜାଇଲେ ଗୁରୁର କୁ-ପ୍ରଭାବ ପଡୁଥିବାରୁ ଏହା ଖରାପ ବୋଲି କୁହାଯାଏ । ଏହାଦ୍ୱାରା ପାରିବାରିକ କଳହ ଉତ୍ପନ୍ନ ହୋଇଥାଏ । ଏହାବ୍ୟତୀତ ଗୁରୁର ଅଶୁଭ ପ୍ରଭାବରେ ପରିବାରରେ ଅଯଥା କଳହ ସୃଷ୍ଟି ହୁଏ । କୌଣସି ବ୍ୟକ୍ତି ସୁନା ପାଇଲେ ତାହାକୁ ଅଧିକ ସମୟ ଘରେ ରଖିବା ଉଚିତ୍ ନୁହେଁ । ମିଳିଥିବା ସୁନା ଯେପର୍ଯ୍ୟନ୍ତ ଘରେ ଥିବ ସେତେବେଳ ପର୍ଯ୍ୟନ୍ତ ପରିବାରର କୌଣସି ବ୍ୟକ୍ତି ରୋଗର ପଡ଼ିବା ସୁନିଶ୍ଚିତ । ତେଣୁ ସୁନା ମିଳିଲେ ତାହାକୁ ଲୋଭରେ ଘରେ ନ ରଖି କୌଣସି ମନ୍ଦିରରେ ଦାନ କରିଦେବା ଉଚିତ୍ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିରୋଧୀ ମେଂଟ...

ସମ୍ପ୍ରତି ଭାରତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ଆଧାର ଶିଳା ହେଉଛି ଶତ୍ରୁର ଶତ୍ରୁ ହିଁ ମିତ୍ର। ଏହାପଛର ଥିବା ମୁଖ୍ୟ ଉଦ୍ଦେଶ୍ୟ କେବଳ ଯେ ଦଳୀୟ କ୍ଷମତା ଓ ସ୍ୱାର୍ଥ ହାସଲରେ ନିହିତ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ନିକଟରେ ମହାରାଷ୍ଟ୍ର ବିଧାନସଭାରେ ଶିବସେନା ଓ ଏନ୍‌ସିପି ବିଧାୟକଙ୍କ ଦଳ ଭଙ୍ଗ ରାଜନୀତିରେ ଏହାର କିଛିଟା ଝଲକ୍ ଦେଖିବାକୁ ମିଳିଥିବା ବେଳେ ଆଉ ଏକ ପ୍ରକରଣ ଆସନ୍ତା କିଛି ଘଣ୍ଟା ମଧ୍ୟରେ ଘଟିବାକୁ ଯାଉଛି। ଆଜି ଓ ଆସନ୍ତା କାଲି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୨୪ ରାଜନୈତିକ ଦଳଙ୍କର ବିଜେପି ବିରୋଧୀ ଏକତା ମଞ୍ଚର ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ କଂଗ୍ରେସ କେନ୍ଦ୍ର ସରକାରଙ୍କ ଦିଲ୍ଲୀ ଅଧ୍ୟାଦେଶକୁ ବିରୋଧ କରିବ ଏବଂ ଆମ୍ ଆଦ୍‌ମି ପାର୍ଟି ବୈଠକରେ ଯୋଗଦେବେ ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଅପେକ୍ଷାକୃତ ଭଲ ସ୍ଥିତିରେ ଥିବା ଏନ୍‌ଡିଏ ବିରୋଧରେ ବିରୋଧୀ ରାଜନୈତିକ ଦଳଗୁଡ଼ିକ ଏକାଠି ହୋଇ ଲଢ଼ିବା ପାଇଁ ପାଟ୍‌ନାଠାରେ ଗତ ଜୁନ୍ ୨୩ ତାରିଖରେ ଆୟୋଜିତ ସଂକଳ୍ପ ସମାବେଶରେ ଆପ୍ ଦିଲ୍ଲୀ ଅଧ୍ୟାଦେଶକୁ ଦଳମତନିର୍ବିଶେଷରେ ବିରୋଧ କରିବା ପାଇଁ ଏକ ପ୍ରସ୍ତାବ ଆଣିଥିଲା। କିନ୍ତୁ ଏହି ପ୍ରସ୍ତାବକୁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସମେତ ଅନ୍ୟ କେତେକ ରାଜନୈତିକ ଦଳ ବିରୋଧ କରିଥିଲେ, ଯାହା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ପରୋକ୍ଷରେ ସୁହାଇଥିଲା। ତେଣୁ କଂଗ୍ରେସ ଯଦି ଦିଲ୍ଲୀ ଅଧ୍ୟାଦେଶକୁ ବିରୋଧ ନ କରିବ ତେବେ ବେଙ୍ଗାଲୁରୁ ବୈଠକରେ ଯୋଗ ଦେବେ ନାହିଁ ବୋଲି ଆପ୍ ସେତେବେଳେ ଘୋଷଣା କରିଥିଲା। କିନ୍ତୁ ବୈଠକ ଅବ୍ୟବହିତ ପୂର୍ବରୁ ଏହି ବହୁଚର୍ଚ୍ଚିତ ଓ ବିବାଦୀୟ ଅଧ୍ୟାଦେଶକୁ କଂଗ୍ରେସ ବିରୋଧ କରିବ ବୋଲି ଘୋଷଣା କରିବା ପରେ ଆପ୍ ମଧ୍ୟ ବୈଠକରେ ଯୋଗ ଦେବ ବୋଲି ଘୋଷଣା କରିଛି। ସମ୍ପ୍ରତି ଦେଶର ବିଭିନ୍ନ ଦଳର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡୁଛି ଯେ ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ କୌଣସି ଦଳ ଏକାକୀ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ମୁକାବିଲା କରିବା ସ୍ଥିତିରେ ନାହାନ୍ତି। ଆଞ୍ଚଳିକ ଦଳଗୁଡ଼ିକ ନିଜ ନିଜ ରାଜ୍ୟରେ କ୍ଷମତାରେ ଥିଲେ ମଧ୍ୟ କେନ୍ଦ୍ରରେ କ୍ଷମତା ହାସଲ କରିପାରିବେ ନାହିଁ। ଅପରପକ୍ଷରେ ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଏକାକୀ କେନ୍ଦ୍ରରେ କ୍ଷମତା ହାସଲ ସ୍ଥିତିରେ ନାହିଁ କିମ୍ବା ସେହି ଦଳର ଛତ୍ରଛାୟାରେ ସବୁ ରାଜନୈତିକ ବିରୋଧୀ ଦଳ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏଭଳି ପରିସ୍ଥିତିରେ ବିରୋଧୀ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଦର୍ଶଗତ ସମାନତା ନଥିବାରୁ କେବଳ ସାମୟିକ ବୁଝାମଣା, ନିର୍ବାଚନୀ ସାଲିସ୍ ଓ ପାରସ୍ପରିକ ବିରୋଧକୁ ଅନେକାଂଶରେ ଅଣଦେଖା କରି ଏକକ ଶତ୍ରୁ ସାଙ୍ଗରେ ଲଢ଼ିବା ପାଇଁ ଏକତ୍ରିତ ହେଉଛନ୍ତି। କିନ୍ତୁ ବିରୋଧୀ ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କର କ୍ଷମତା ଓ ପ୍ରଚ୍ଛନ୍ନ ତଥା ସ୍ପଷ୍ଟ ପଦବୀ ଲାଳସା ଯୋଗୁଁ ତୃତୀୟ ସାମ୍ମୁଖ୍ୟ ନିର୍ଦ୍ଦିଷ୍ଟ ରୂପ ନେଇପାରୁନାହିଁ। ଏହାଛଡ଼ା ବିରୋଧୀ ଦଳମାନଙ୍କ ମଧ୍ୟରେ ଥିବା ପୂର୍ବ ତିକ୍ତତା ତୃତୀୟ ସାମ୍ମୁଖ୍ୟ ଗଠନରେ ଆଉ ଏକ ବାଧକ ହେଉଛି, ଯାହାର ଝଲକ୍ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆବାହକତ୍ୱରେ ପାଟ୍‌ନାଠାରେ ଅନୁଷ୍ଠିତ ସଂକଳ୍ପ ବୈଠକରେ କିଛିଟା ଦେଖିବାକୁ ମିଳିଥିଲା। ବିଜେପି ବିରୋଧରେ ଏକାଠି ହେବାକୁ ହେଲେ କେନ୍ଦ୍ରର ନୀତି ଜନବିରୋଧୀ ବୋଲି ଭୋଟରମାନଙ୍କୁ ବୁଝାଇ ସମ୍ମିଳିତ ବିରୋଧାଭାସ ସୃଷ୍ଟି କରିବାକୁ ପଡ଼ିବ। ଏହି ଆଳରେ ଆପ୍ ବହୁଚର୍ଚ୍ଚିତ ଦିଲ୍ଲୀ ଅଧ୍ୟାଦେଶ ବିରୋଧରେ ଜନମତ ସୃଷ୍ଟି ପାଇଁ ଏହି ପ୍ରସଙ୍ଗ ବୈଠକରେ ଉତ୍‌ଥାପନ କରିଥିଲା। କିନ୍ତୁ ଆପ୍ ସହିତ ପୂର୍ବ ତିକ୍ତତା ଓ ରାଜନୈତିକ ବିରୋଧାଭାସ ଯୋଗୁଁ କଂଗ୍ରେସ ଓ ଜାମ୍ମୁକାଶ୍ମୀର ନ୍ୟାଶ୍‌ନାଲ୍ କନ୍‌ଫେରେନ୍ସ ଏହି ପ୍ରସ୍ତାବକୁ ଖୋଲାଖୋଲି ବିରୋଧ କରିଥିଲେ। ଏଥିରୁ ବିରୋଧୀ ଦଳର ନେତାମାନଙ୍କର ଆଭିମୁଖ୍ୟ ଯେ ଜାତୀୟ ସ୍ୱାର୍ଥ ନୁହେଁ, ଦଳୀୟ ସ୍ୱାର୍ଥ ପ୍ରତି ଅଧିକ ସମର୍ପିତ ତାହା ସ୍ପଷ୍ଟ ହୋଇଯାଇଥିଲା। ତାହା ସହିତ ତୃତୀୟ ସାମ୍ମୁଖ୍ୟର ଭବିଷ୍ୟତ ଘେନି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

## ଜ୍ଞାନ ପ୍ରାପ୍ତି ହିଁ ଈଶ୍ୱର ପ୍ରାପ୍ତି

### ପରେଶ ଚନ୍ଦ୍ର ସାହୁ

ଆଜିକାଲି ଦେଖାଯାଉଛି ଲୋକେ ବହୁତ ଧର୍ମ ଆଡ଼କୁ ମୁହାଁଉଛନ୍ତି । ଧର୍ମର ପରିଭାଷା ଜାଣନ୍ତୁ ବା ନ ଜାଣନ୍ତୁ ଏଇଟା ଏଇଥିରୁ ପ୍ରମାଣିତ ହେଉଛି ଘର ଭିତରେ ଠାକୁର ଘରେ ପୂଜା ଠାରୁ ଆରମ୍ଭ କରି ମନ୍ଦିର ତୀର୍ଥସ୍ଥାନ ଭ୍ରମଣ ଆଦି କାର୍ଯ୍ୟରେ ମନୋନିବେଶ କରୁଛନ୍ତି । ସିଏ କଲା ମୁଁ କରିବି ନୀତିରେ ଠାକୁରଙ୍କ ଠାରେ ମନୋଭାବ ଜଣଉଛନ୍ତି । ଈଶ୍ୱର ବିଶ୍ୱାସୀ ହେଉନ୍ତୁ ବା ନହୁଅନ୍ତୁ ଅ'ତଃ ଭାବନାମୁକ୍ତ ହେଉଛନ୍ତି ଏବଂ ତାରି ଭିତରେ କିଞ୍ଚିତ ମାତ୍ରାରେ ମ୍ଳେଚ୍ଛତ୍ୱରୁ ମୁକ୍ତି ପାଉଛନ୍ତି ।

କୁରୁକ୍ଷେତ୍ର ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଉପଦେଶ ଛଳରେ ଯେଉଁ ମହତବାଣୀର ଅବତାରଣ କରିଛନ୍ତି ତାହା ହେଉଛି ଗୀତା । ସେ କହିଛନ୍ତି ତାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ସେ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡ ଚେତନା । ସେଇ ଚେତନାର ସ୍ରୋତରେ ଅର୍ଜୁନଙ୍କୁ ସାମିଲ ହେବା ପାଇଁ କହୁଛନ୍ତି । ଏହା କଲେ ସେ ମୁକ୍ତି ପାଇଯିବେ । ମୁକ୍ତି ଅର୍ଥ ଇଂରାଜୀରେ **'Free'** । ଭିତରେ ଥିବା ଆତ୍ମା ନିର୍ଲିପ୍ତ ହୋଇଯିବ । ସେ କୌଣସି କଥାକୁ **react** ବା ପ୍ରତିକ୍ରିୟା ନକରି **Act** ବା କର୍ମରେ ବିନିଯୋଗ କରିବ । କଳିଠାରୁ ନିଜକୁ ଦୂରେଇ ରଖି ପାରିବ ।

ଭଗବାନ ବ୍ୟାସଦେବ 'ସାବିତ୍ରୀ ସତ୍ୟବାନ' କଥାରେ ଏଇୟା ଦର୍ଶାଇଛନ୍ତି ଯେ ଚେତନା (ସତ୍ୟବାନଙ୍କ ଠାରେ) ଲୋପ ପାଇଗଲେ ଜ୍ଞାନ (ସାବିତ୍ରୀ ବଳରେ ଫେରେଇ ଅଣାଯାଇପାରେ । ସେଇ ଜ୍ଞାନ ହେଉଛି ଆତ୍ମ ଜ୍ଞାନ ଯାହା ଆମଠାରେ ଚେତନାକୁ ବଳବତ୍ତର ରଖେ । ଭଗବାନ ଶ୍ରୀକୃଷ୍ଣ ଏକାଧାରରେ ଧର୍ମ ବା ଯମ, ବାୟୁ ଏବଂ ଜଳପତି ବା ଇନ୍ଦ୍ର । ସୁତରାଂ ଶ୍ରୀକୃଷ୍ଣଙ୍କ ଠାରେ ଯେଉଁ ଚେତନା ଅଛି ତାକୁ ଯଦି ଆମେ ନିଜ ଭିତରେ ଅନୁଭବ କରିବା ଆମେ ଦ୍ୱିତୀକୃଷ୍ଣ ହୋଇପାରିବା । ଯାହା ଅର୍ଜୁନଙ୍କ ଗୋଟେ ନାମ ଏବଂ ଏଇ ଅବସ୍ଥାରେ ଆମେ ପରମାତ୍ମାଙ୍କ ସହିତ ଏକକାର ହୋଇ ପାରିବା । ଆଉ ସେଇ ଚେତନା ବିଶ୍ୱ ବ୍ରହ୍ମାଣ୍ଡ ସମ୍ବନ୍ଧୀୟ ଜ୍ଞାନ ଉପରେ ଆଧାରିତ । ଧ୍ରୁବତାରା ଠାରୁ ଆରମ୍ଭ କରି ସପ୍ତର୍ଷି ମଣ୍ଡଳ, ନକ୍ଷତ୍ର, ତାରା, ଗ୍ରହ, ଉପଗ୍ରହ, ପୃଥିବୀ ଆଦି ଆଉ ଆମେ ଉପଲବ୍ଧି କରିବା ଆମେ କେତେ ନଗଣ୍ୟ । ଆମ ସୌରମଣ୍ଡଳ ଶୂନ୍ୟରେ ଏମିତି ଗୋଟେ ଛୋଟିଆ ଅଞ୍ଚଳ । ତେବେ ଯାଇ ଆମ ଭିତରେ 'ମୁଁ' ଭାବ ଦୂର ହୋଇ ପାରିବ । ଆମ ଭିତରେ ସୃଷ୍ଟି ହୋଇ ପାରିବ ଏକ ବିରାଟ ଶୂନ୍ୟସ୍ଥାନ ।

ସେଇ ଶୂନ୍ୟ ହିଁ ଭଗବାନ । ନିରାକାର ବ୍ରହ୍ମ, ଶୂନ୍ୟ ଦେହୀ । ଆଉ ସେଇ ଶୂନ୍ୟରେ ଆମେ । ଶ୍ରୀକ୍ଷେତ୍ରରେ ଉଭଗବାନଙ୍କୁ ଆଉ କିଭଳି ରୂପ ଦିଆଯାଇ ପାର'। । ଅଲେଖ ଧର୍ମାବଲମ୍ବୀ ମାନେ ରୂପ ରେଖ ନାହିଁ ହେ ଶୂନ୍ୟ ଦେହ ବୋଲି ତାଙ୍କୁ ପୂଜା କରନ୍ତି । ଭାରତରେ ଯେଉଁ ମୁଖ୍ୟ ଚାରିଧାମକୁ ଶ୍ରେଷ୍ଠ ତୀର୍ଥ ସ୍ଥାନ ବୋଲି ବିଚାରକୁ ନିଆଯାଏ ସେଗୁଡ଼ିକ ହେଲା -

୧) ବଦ୍ରିକା, ଯେଉଁଠି ଭଗବାନ ବିଷ୍ଣୁଙ୍କ ଆରଧନା କରାଯାଏ । ବଶିଷ୍ଠ ପରାଶର, ବ୍ୟାସଦେବ ଆଦି ମୁନି ଋଷିଗଣ ସର୍ବଦା ତପସ୍ୟାରତ । ଏହାକୁ ଜ୍ୟୋତିଷ କ୍ଷେତ୍ର ବୋଲି ମଧ୍ୟ କୁହାଯାଏ ।

୨) ରାମେଶ୍ୱର, ଯେଉଁଠାରେ ଶ୍ରୀରାମଚନ୍ଦ୍ର ଶିବଙ୍କୁ ଆହ୍ୱାନ କରିଥିଲେ । ମାତା ସୀତାଙ୍କୁ ଉଦ୍ଧାର କାଳରେ ସେତୁବନ୍ଧ ବାନ୍ଧିବା ସମୟରେ । ଏପଟେ ରାମ ଶିବଙ୍କୁ ଜପ କଲାବେଳେ ଶିବ ମଧ୍ୟ ରାମକୁ ଜପ କରନ୍ତି । ଏ ହେଉଛି ତ୍ରେତୟା ଯୁଗର କଥା ।

୩) ଦ୍ୱାରିକା, ଯେଉଁଠି ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଲୀଳାର ସ୍ମୃତିକୁ ବହନ କରେ । ଉତ୍ତମ ସହାବସ୍ଥାନର ବାର୍ତ୍ତା ବହନ କରେ । ଯାହା ମାନବୋତ୍ତର ବିଭାଗ ଅ'ର୍ଭୁକ୍ତ । ଶେଷରେ ୪- ଜଗନ୍ନାଥ ଧାମ - ଯେଉଁଠି କଳିଯୁଗରେ ଭଗବାନ ଦାରୁବ୍ରହ୍ମ ରୂପରେ ପୂଜା ପାଉଛନ୍ତି । ଏ ହେଉଛି ହରିହର କ୍ଷେତ୍ର । ବିଷ୍ଣୁ ଏବଂ ଶିବ ଯଥାକ୍ରମେ ଜଗନ୍ନାଥ ଏବଂ ବଳଭଦ୍ର ରୂପରେ ପୂଜା ପାଉଛନ୍ତି । ବ୍ରହ୍ମାଙ୍କ ଅଭିଶାପ ଥିଲା । ତାଙ୍କର ପୂଜା ନାହିଁ । ତେବେ ନାରୀ ରୂପରେ କଳିଯୁଗରେ ପୂଜା ପାଇବେ । ଶୁଭଦ୍ରା ରୂପରେ ଶ୍ରୀକ୍ଷେତ୍ରରେ ପୂଜା ପାଉଛନ୍ତି । ସୁତରାଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଯଥାକ୍ରମେ ଶୁଭଦ୍ରା, ଜଗନ୍ନାଥ ଏବଂ ବଳଭଦ୍ର ରୂପରେ ପୂଜା ପାଉଛନ୍ତି ।

ଏହା ଥିଲା ବିଧି ନିର୍ଦ୍ଦିଷ୍ଟ । ଅଧା ଦିଅ ଗଢ଼ା ହୋଇ ସାରିଲା ପରେ ବିଶ୍ୱକର୍ମା ଅ'ଧାନ ହୋଇଗଲେ । ଶୂନ୍ୟବାଣୀ ହେଲା - କଳିଯୁଗରେ ଏହାହିଁ ହେବ ଭଗବାନରଙ୍କର ରୂପ । ପୂର୍ବ ଭାରତର ସବୁଠାରୁ ବଡ଼ କ୍ଷେତ୍ର । ବାସ୍ତବରେ ନିରାକାର ବ୍ରହ୍ମର ଅସଲ ଅର୍ଥ କ'ଣ ହୋଇପାରେ । କଳିଯୁଗରେ ଅହଂ ଭାବ ଅତି ମାତ୍ରାରେ ବଢ଼ିଯାଏ । ତେଣୁ ଜଣଙ୍କର ଆତ୍ମା ଅନୁସାରେ ପରିଚୟ ରହିଲେ ତାର ଗର୍ବଭାବ ଜାଗ୍ରତ ହୁଏ ନାହିଁ । ବରଂ କିଛି ନହୁଅ କିଛି ଖରାପ ହବା କଥା ନୁହେଁ । ଆମେ ଜଣଙ୍କୁ ଏକ ନିର୍ଦ୍ଦିଷ୍ଟ ରୂପରେ ଚାହିଁଲେ ତାର ପ୍ରଭାବରେ ଏକ ନୂତନ ଚରିତ୍ର ସୃଷ୍ଟି ହୁଏ ଯାହାକି ସେଇଟା ତାର ନିଜର ପରିଚୟ ହୋଇନଥାଏ ।

ନିରାକାର ବ୍ରହ୍ମ ବା ଦାରୁବ୍ରହ୍ମଙ୍କର ସ୍ୱରୂପ ଆଉ କଣ ହୋଇପାରେ । ମଣିଷଟିଏ ଯେତେ ପର୍ଯ୍ୟ' ପ୍ରାଣୀର ଅବସ୍ଥାରେ ରହିବ ତା' ଠାରେ ପ୍ରକୃତି ରହିବ; କାରଣ ଆମେ ଜାଣୁ ପଶୁ ପକ୍ଷୀ, ଶରୀଶୃପଙ୍କୀ ସ୍ୱଭାବ ଯେତେବେଳେ ମଣିଷ ଠାରେ ସ୍ଥାନ ପାଏ ସେଇଟା ତାର ପ୍ରକୃତି ହୋଇଥାଏ । ନିଜ ଭିତରେ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଦବାକୁ ହେଲେ ଆମକୁ ପ୍ରାଣୀର ସ୍ତରକୁ ଛାଡ଼ି ଉଦ୍ଭିଦର ସ୍ତରରେ ବଞ୍ଚିବାକୁ ହେବ ଯେଉଁଠି ସ୍ଥିରତା ଅଛି । ଜୀବନଟା ଉତ୍ସର୍ଗୀକୃତ । ଗଛଟିର ପ୍ରତ୍ୟେକଟି ଉପାଦାନ ପ୍ରାଣୀ ଜଗତର ଆବଶ୍ୟକତା ପୂରଣ କରୁଛି । ସୁତରାଂ ଗଛ ହିଁ ଚତୁର୍ଭୁଜ । ଭଗବାନ ।

ତେବେ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠା । ଓଡ଼ିଆଙ୍କର ସ୍ପନ୍ଦନ । ବାରମାସରେ ତେର ପର୍ବ ଭଳି ଶ୍ରୀକ୍ଷେତ୍ରରେ ବହୁନୀତି ପ୍ରଚଳିତ । ଏବେବି ସେଠାକାର ପ୍ରସାଦରେ ଆଳୁ, ବିଲାତି ପଡ଼େ ନାହିଁ । ଠାକୁରଙ୍କର ମହିମା ସହିତ ରଥ ଗୁଡ଼ିକର ମଧ୍ୟ ମହିମା ଅପାର । ବଳଭଦ୍ରଙ୍କ ରଥରେ ୧୪ ଚକ ଏବଂ ସାରଥି ହେଲେ ମାତଳି । ରାମ ରାବଣ ଯୁଦ୍ଧରେ ଇନ୍ଦ୍ରଙ୍କ ରଥର ସାରଥି ମାତଳି ରଥ ସହ ରାମଚନ୍ଦ୍ରଙ୍କ ସହାୟତା କରିଥିଲେ । ସୁଭଦ୍ରାଙ୍କ ରଥର ସାରଥି ହେଉଛନ୍ତି ଅର୍ଜୁନ ଯାହା ମହାଭାରତକୁ ଇଙ୍ଗିତ କରୁଛି । ଜଗନ୍ନାଥଙ୍କ ରଥ ନନ୍ଦୀଘୋଷର ସାରଥି ଦାରୁକ ଯିଏ ଶ୍ରୀକୃଷ୍ଣଙ୍କର ସାରଥି କାର୍ଯ୍ୟ ସମ୍ଭାଳୁଥିଲେ ।

ରଥଯାତ୍ରା ଏବେ କେବଳ ଓଡ଼ିଶାର ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ପୁରପଲ୍ଲୀରେ ସୀମିତ ହୋଇ ରହିନାହିଁ । ସାରା ବିଶ୍ୱରେ ରଥଯାତ୍ରା ପାଳିତ ହେଲାଣି । ରଥ ହେଉଛି ଆମ ଶରୀର । ଶରୀର ଭିତରେ ବ୍ରହ୍ମ ହିଁ ଠାକୁର । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଆତ୍ମାକୁ ନିଜ ଭିତରେ ସ୍ଥାନୀତ କରିପାର'। ପରବର୍ତ୍ତୀ ଅବସ୍ଥାରେ ଆତ୍ମା ବ୍ରହ୍ମ ରୂପରେ ବିଦ୍ୟମାନ ହୋଇ ପାର'। ଏବଂ ନିଜ ନିଜର ଇଚ୍ଛାଶକ୍ତି ବଳବତ୍ତର ରୁହ'। । ସେଇ ଇଚ୍ଛାଶକ୍ତି ହିଁ ପରମାତ୍ମା ଭଗବାନ । ଏଇଟା କେବଳ ଜ୍ଞାନ ବଳରେ ଜଣାଯାଇପାରେ । ଜ୍ଞାନରୁ ଚେତନା । ବୈରାଗ ନଆସିଲେ ଜ୍ଞାନ ପ୍ରାପ୍ତି ହୁଏ ନାହିଁ । ଆଉ ଜ୍ଞାନ ନହେଲେ ଚେତନା ଆସେ ନାହିଁ । ଚେତନାରୁ ହିଁ ଅନୁଭୂତ ଆସିଥାଏ । ଧ୍ରୁବ ଯେତେବେଳେ ଭଗବାନଙ୍କୁ ପାଇଗଲେ କିଛି ଆବଶ୍ୟକତା କଲେ ନାହିଁ । ରାଜ୍ୟକୁ ସାନଭାଇ ହାତରେ ଦେଇ ସନ୍ୟାସୀ ହୋଇଗଲେ ଯେଉଁଟାକି ଚତୁରାଶ୍ରମର ଶେଷ ଅବସ୍ଥା । ସୁତରାଂ ଏଇ ଜ୍ଞାନ ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ଦେଖାଯା'। ଆରମ୍ଭରୁ ସେ ନିଜକୁ ପ୍ରସ୍ତୁତ କର'। ଜ୍ଞାନପ୍ରାପ୍ତି ପାଇଁ । ଆସକ୍ତି ପରିବର୍ତ୍ତେ ବୈରାଗ୍ୟକୁ ନିଜ ଭିତରେ ସ୍ଥାନ ଦିଅ'। ଯାହା ଫଳରେ ମୁକ୍ତିର ପଥ ଫିଟି ଯାଆ'। । ଦୁଃଖ, କ୍ଳେଶ ଅଭାବ, ଅନାଟନରୁ ମୁକ୍ତି ପାଇଯା'। । ତେଣୁ ଯଥାର୍ଥରେ କୁହାଯାଇଛି ଜ୍ଞାନ ପ୍ରାପ୍ତି ହିଁ ଈଶ୍ୱର ପ୍ରାପ୍ତି ।

- ଜୟ ଜଗନ୍ନାଥ -


ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ,
ଓଡ଼ିଶା ସରକାର
ମୋ-୯୪୩୭୦୬୮୯୧୯/
୮୦୧୮୭୩୮୮୪୪


## ଦୈନିକ ଆହାର ଖାଉଛନ୍ତି ୧ ଲକ୍ଷ, ତାହା ବି ନିଅଣ୍ଟ

### ଦିଲ୍ଲୀପ କୁମାର ମହାରଣା

ରାଜ୍ୟରେ ପ୍ରତିଦିନ ୧ ଲକ୍ଷ ଲୋକ ୫ଟଙ୍କାର ଆହାର ଖାଦ୍ୟ ଖାଉଛନ୍ତି। କିନ୍ତୁ ତାହା ବି ନିଅଣ୍ଟ ପଡୁଛି। ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଭୁବନେଶ୍ୱରରେ ଏମସରେ ଆଉ ଏକ କେନ୍ଦ୍ର ଖୋଲାଯିବାର ନିଷ୍ପତ୍ତି ହୋଇଛି। ବିଭିନ୍ନ ଜିଲ୍ଲାଗୁଡ଼ିକ ଆହାର କେନ୍ଦ୍ର ସଂଖ୍ୟା ବଢ଼ାଇବା ପାଇଁ ମଧ୍ୟ ପ୍ରସ୍ତାବ ବିଭିନ୍ନ ସ୍ଥାନରୁ ଆସୁଛି। ସରକାର ସୁଲଭ ମୂଲ୍ୟରେ ଅଭାବୀ ଲୋକମାନଙ୍କୁ ଏହି ଆହାର ବ୍ୟବସ୍ଥା କରୁଛନ୍ତି ଯାହା ଯଦିଓ ଯଥେଷ୍ଟ ହେଉନାହିଁ।

ଅନେକ ସ୍ଥାନରେ ଦେଖାଯାଏ ଶ୍ରମିକମାନେ ଖାଇବା ସମୟକୁ ଆସିବା ବେଳକୁ ଖାଇବା ସରିଯାଉଛି। ଏହି ଲେଖକ ନିକଟରେ ଏକ ସତ୍ୟନିଷ୍ଠ ଘଟଣାକୁ ସାମ୍ନା କରିଥିଲା। ରାଜଧାନୀରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ତ୍ରିଲୋଚନ ଗଡ଼ିଆ ଝାଳନାଳ ହୋଇ ମଧ୍ୟାହ୍ନ ୧ଟା ବେଳକୁ ନୂଆପଲ୍ଲୀସ୍ଥିତ ଆହାର କେନ୍ଦ୍ରକୁ ଆସିବା ବେଳକୁ ଖାଦ୍ୟ ସରି ଯାଇଥିଲା ଏବଂ କେନ୍ଦ୍ର ମଧ୍ୟ ବନ୍ଦ ହେବାକୁ ବସିଥିଲା। ଏଠାରେ ପ୍ରତିଦିନ ୪୫୦ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥାଏ। ତାହା ୧୧ଟାରୁ ଆରମ୍ଭ ହୋଇ ୧୨ଟା ବେଳକୁ ସରିଯାଉଥିବା କହିଛନ୍ତି ଏଠାରେ କାର୍ଯ୍ୟରତ କର୍ମଚାରୀ। ଅପରପକ୍ଷରେ ଏମସକୁ ପ୍ରତିଦିନ ୧୦ ହଜାର ରୋଗୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସନ୍ତି। ଏଥିସହିତ ଆହୁରି ଅନେକ ରୋଗୀ ଏଠାରେ ବିଭିନ୍ନ ସ୍ଥାନରେ ରହି ଚିକିତ୍ସିତ ହୁଅନ୍ତି। ସମସ୍ତଙ୍କ ପାଇଁ ରାନ୍ଧି ଖାଇବା କିମ୍ବା ହୋଟେଲରେ ଖାଇବା ସମ୍ଭବ ହୁଏ ନାହିଁ। ଏଠାରେ ଆହାର କେନ୍ଦ୍ର ଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ। ତେବେ ଆହାର କେନ୍ଦ୍ରର କେତେକ ସ୍ଥାନରେ କର୍ମଚାରୀମାନେ ସୁଲଭ ମୂଲ୍ୟର ଖାଦ୍ୟକୁ ସେମାନଙ୍କର ଚିହ୍ନା ପରିଚିତଙ୍କୁ ଯୋଗାଉଛନ୍ତି ଆଉ କେତେକ କ୍ଷେତ୍ରରେ ବିକ୍ରି କରିଦେଉଥିବାର ଅଭିଯୋଗ ମଧ୍ୟ ଉଠୁଛି। ସେହିପରି ବେଳେ ବେଳେ ବଡ଼ ରାଜନୈତିକ ଦଳର କର୍ମୀମାନଙ୍କର କାର୍ଯ୍ୟକ୍ରମ ଥିଲେ ସେମାନେ ଜୋର ଜବରଦସ୍ତ ଆହାର କେନ୍ଦ୍ରରେ ଧସେଇ ପଶି ସେହି ଖାଦ୍ୟ ଖାଉଥିବାର ଅଭିଯୋଗ ଗଣମାଧ୍ୟମରୁ ଦେଖିବାକୁ ମିଳିଥାଏ। ତେବେ ଏ ନେଇ ସରକାରଙ୍କ ବିଧିବଦ୍ଧ ଭାବେ କୌଣସି ଲଗାମ ରହୁନାହିଁ।

କ୍ୟାପିଟାଲ ହସ୍ପିଟାଲସ୍ଥିତ ଆହାର କେନ୍ଦ୍ର ପ୍ରତିଦିନ ଲମ୍ବା ଧାଡ଼ିରୁ ଏହାର ଆବଶ୍ୟକତା ସ୍ପଷ୍ଟ ହୁଏ। ଭୁବନେଶ୍ୱରରେ ୧୧ଟି କେନ୍ଦ୍ରରେ ପ୍ରତିଦିନ ୬ ହଜାର ଲୋକ ଆହାର ଖାଉଥିବାବେଳେ ସମ୍ବଲପୁର ମହାନଗର ନିଗମର ୫ଟି କେନ୍ଦ୍ର ଜରିଆରେ ୪୬୦୦ ଲୋକ ଖାଇଥାନ୍ତି। କିନ୍ତୁ ଏଠାରେ ମଧ୍ୟ ସମାନ ସ୍ଥିତି। ବୁର୍ଲାରେ ପ୍ରତିଦିନ ୧୮୦୦ ଲୋକ ଖାଉଥିବା ଖାଦ୍ୟ ଏକ ଘଣ୍ଟା ମଧ୍ୟରେ ସରିଯାଏ। ଶିଳ୍ପାଞ୍ଚଳ ହୀରାକୁଦରେ ଅନେକ ସଂଖ୍ୟାରେ ଶ୍ରମିକ ଥିବାରୁ ସେଠାରେ ନୂତନ ଆହାର କେନ୍ଦ୍ର ଖୋଲିବା ପାଇଁ ଅନେକ ଦିନରୁ ଦାବି ହେଉଛି। କଟକରେ ୧୧ ଆହାର କେନ୍ଦ୍ରରେ ୭ ହଜାର ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ରହିଛି। ଏଥିରୁ ସର୍ବାଧିକ ଚାହିଦା ଏସସିବିରେ ରହିଛି। ପ୍ରବାସୀ ଶ୍ରମିକ, ରୋଗୀ, ପରିଜନଙ୍କ ସହିତ ବାହାରେ ରହି ପଢୁଥିବା କିମ୍ବା ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ପାଇଁ ଆହାରରେ ଆବଶ୍ୟକତା ଅଧିକ। କରୋନା ପରେ ଲୋକଙ୍କ ଆର୍ଥିକ ସ୍ଥିତି ଗୁରୁତର ପ୍ରଭାବିତ ହେବା ଏବଂ ରୋଜଗାର ଅନ୍ୱେଷଣରେ ସହରକୁ ଅଧିକ ସଂଖ୍ୟାରେ ଶ୍ରମିକ ଆସୁଥିବାରୁ ଆହାର ଚାହିଦା ବଢ଼ିବାରେ ଲାଗିଛି। ରନ୍ଧନ ଗୃହର ସଫେଇ ପାଇଁ ରବିବାର ଆହାର କେନ୍ଦ୍ର ବନ୍ଦ କରାଯାଏ। ବିକଳ୍ପ ବ୍ୟବସ୍ଥା କରି ରବିବାର ମଧ୍ୟ ଆହାର କେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ସ୍ଥାନରୁ ଦାବି କରାଯାଉଛି। କେବଳ ଖାଦ୍ୟ ହେବା ଯଥେଷ୍ଟ ନୁହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚ୍ଛନ୍ନତା ଗୁରୁତ୍ୱ ଦେଇ ଆହାର କେନ୍ଦ୍ର ମାନଙ୍କରେ ଶୌଚାଳୟ, ଭେଣ୍ଟିଲେଟର, ବାସନ ମାଜିବା ପାଇଁ ଡିସୱାସ ଆଦି ସର୍ବନିମ୍ନ ବ୍ୟବସ୍ଥା ରହିବାକୁ କୁହାଯାଇଛି। ଅନେକ କେନ୍ଦ୍ରରେ ଏହି ସୁବିଧା ନାହିଁ। ଏପରିକି ଖାଦ୍ୟର ଗୁଣାତ୍ମକମାନ ହ୍ରାସ ନ ପାଉ ଏଥିପାଇଁ ଅଧିକାରୀ ମାନଙ୍କୁ ସପ୍ତାହରେ ଥରେ ଆହାର କେନ୍ଦ୍ର ଖାଦ୍ୟ ଖାଇବା ପାଇଁ ନିର୍ଦ୍ଦେଶ ଜାରି ବେଳେ ଅନେକ ଅଧିକାରୀ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟ ଖାଇଥିଲେ। ମାତ୍ର ବର୍ତ୍ତମାନ ସ୍ଥିତିରେ ଭୁବନେଶ୍ୱର ସମେତ ରାଜ୍ୟର କେତୋଟି ଜିଲ୍ଲାରେ ଅଧିକାରୀମାନେ ଆହାର ସ୍ୱାଦ ଚାଖୁଛନ୍ତି ତାକୁ ନେଇ ସନ୍ଦେହ ରହିଛି। କିଛି ଦାତବ୍ୟ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଗରିବ ଲୋକମାନଙ୍କୁ ନାରାୟଣ ସେବା ମାଧ୍ୟମରେ ଖାଦ୍ୟ ବଣ୍ଟନ କରୁଥିବାରୁ ଆହାର କେନ୍ଦ୍ର ଉପରୁ ଚାପ ସ୍ୱାଭାବିକ ଭାବେ କମୁଛି। ଏହି ଲେଖକ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜଣେ ସକ୍ରିୟ ସେବାଦଳ କର୍ମୀ ହୋଇଥିବାରୁ ସଙ୍ଗଠନ ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇଛି।

ଓଡ଼ିଶା ରାଜ୍ୟ ଆହାର ସୋସାଇଟି ମାଧ୍ୟମରେ ୩୦ ଜିଲ୍ଲା ଏବଂ ୧୧୫ ଅର୍ବାନ ଲୋକାଲ ବଡ଼ିର ୧୬୭ କେନ୍ଦ୍ରରେ ଆହାର ଦିଆଯାଉଛି। ଏଥିପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆହାରରେ ହେଉଥିବା ସମୁଦାୟ ଖର୍ଚ୍ଚ ୨୩ ଟଙ୍କାରୁ ୧୮ ଟଙ୍କା ସରକାର ଏବଂ ୫ଟଙ୍କା ଲୋକେ ବହନ କରନ୍ତି। ଟଙ୍କାର କୌଣସି ଅଭାବ ନାହିଁ। ଜିଲ୍ଲାପାଳମାନେ ନିଜେ ଚାହିଁଲେ ମିଲ ସଂଖ୍ୟା ବଢ଼ାଇ ପାରିବେ ବୋଲି ସୁଦ୍ଧା କହିଛି। ପୂର୍ବରୁ ମାନ୍ନା ଟ୍ରଷ୍ଟ ଜରିଆରେ ଆହାର ପରିଚାଳିତ ହେଉଥିବାବେଳେ ସେମାନେ ନିଜସ୍ୱ ଗୋଟିଏ ରୋଷେଇ ଗୃହରେ ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ର ମାନଙ୍କୁ ପଠାଉଥିଲେ। ବର୍ତ୍ତମାନ ଏସଏଚଜି ଗୁଡ଼ିକ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥାରେ ପ୍ରତ୍ୟେକ କେନ୍ଦ୍ରରେ ନିଜସ୍ୱ ରୋଷେଇ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ୩୨ ଲକ୍ଷ ଟଙ୍କା ଦିଆଯାଇଛି। ଯେଉଁ କେନ୍ଦ୍ରଗୁଡ଼ିକରେ ଏହାର ନିର୍ମାଣ କାର୍ଯ୍ୟ ସରି ନାହିଁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ହୋଇଛି। ଏପରିକି ଆଗାମୀ ଦିନରେ ଭାତ, ଡାଲମା ସହିତ ତରକାରି କିମ୍ବା ଭଜା ସାମିଲ ପାଇଁ ବିଚାର କରାଯାଉଥିବା ନେଇ ସୂଚନା ମିଳିଛି। ତେବେ ଏହା ସତକଥା ରାଜ୍ୟରେ ଆହୁରି ଆହାର କେନ୍ଦ୍ର ଖୋଲା ଯିବାର ଦରକାର ପଡୁଛି।


+ଶିଖରପୁର ଉପରସାହି,
କଟକ,
ମୋ: ୮୨୮୦୯୬୩୨୮୩/
୯୪୩୮୫୮୩୨୮୯





### ବର୍ଷା

**ଦିନେଶ ମେହେର**

କେଜାଣି,
ତୁମର ପ୍ରତିଟି ସ୍ପର୍ଶ
କେଉଁ ସମ୍ମୋହନ ମନ୍ତ୍ରରେ
ଅଭିମନ୍ତ୍ରିତ,
ଯା ସ୍ପର୍ଶେ ମୁଁ ପଡ଼ିଯାଏ ତୁମ
ପ୍ରେମରେ !

ମୁଁ କାହିଁକି !
ତୁମେ ଆସିବା କଥା ଜାଣି
ସୂର୍ଯ୍ୟ ବି ଲୁଚି ଯାଏ
ଜହ୍ନ ବି ହଜି ଯାଏ
ଶୂନ୍ୟ ଆକାଶର
କେଉଁ ଏକ କୋଣରେ !

ତୁମେ, ଶୀତୁଆ ସକାଳର ସ୍ୱାଗତରେ
ଭରି ଦେଇପାର ଅସୁମାରୀ ପୁଲକ,
ଶାନ୍ତ କରି ଦେଇପାର
ସମଗ୍ର ବସୁଧାର କୋଳାହଳକୁ !

ତୁମେ ହୁଏତ
ବେଳେ ବେଳେ
ଭିଜେଇ ଦେଇପାର
ଫୁଟିବାକୁ ହେଉଥିବା ଲାଲ ଏକ
ଗୋଲାପର
କ୍ଷୁଦ୍ର କଢ଼ିକୁ,
ପୁଣି କନ୍ଦେଇ ଦେଇ ପାର
ବିରହି ପ୍ରେମିକାର ଦୁଇ ଆଖିକୁ !

ତୁମ ଆସିବା ବାଟକୁ
ଚାହିଁ ବସିଥିଲା ବେଳେ
ବୋଧେ, ପବନରେ ଉଡ଼ି
ଆସୁଥିବା ଶବ୍ଦ ମାନ,
ମୋତେ ଉପହାସ କଲାବେଳେ,
ହାତ ମୁଠାରେ ଜାବୁଡ଼ି ଧରି
ଚାଲୁଥିବି,
ଲୁଚେଇ ଦେଉଥିବି ଆପଣାର ଛାତି
ତଳେ,
ପୁଣି ହଜେଇ ଦେଇଥିବା
ଅନାମିକାର ଇତିହାସକୁ
ଜୀବନ୍ତ କରିଚାଲିଥିବି କଲମ
ମୁନରେ !

+ପଳାସ, କଳାହାଣ୍ଡି

### ଆଶା ବୈତରଣୀ

**ନିରଞ୍ଜନ ସାହୁ**

ଆଶା ଅସୁମାରୀ ସପନ ଅନେକ
ମନରେ ବାନ୍ଧଇ ବସା
ପୂରଣ ହୋଇବା କାଠିକର ପାଠ
ନ କରିଲେ ଲୋକହସା ।

ଅଢେଇ ଦିନିଆ ମଣିଷ ଜୀବନ
ପାଣି ଫୋଟକାଟେ ସମ
ନିଶ୍ୱାସକୁ ଏଠି ଭରସା ନାହିଁ ହେ
ବାଟ ଜଗିଅଛି ଯମ
ତଥାପି ମନରେ ଚାଲିଥାଏ ନିତି
କେତେକେତେ ଅଙ୍କକଷା ।

ବାତାବରଣରେ ଅବିଶ୍ୱାସ ବାୟୁ
ବହୁଥାଏ ଘନଘନ
ବୟସ ଯେତିକି ବଢ଼ିବଢ଼ି ଯାଏ
ମନ ହୁଏ ଛନଛନ
ବାରବାଟୀ ବିଲ ଚଷିବାକୁ ଇଚ୍ଛା
ନୁହେଁ କିନ୍ତୁ ମୁହିଁ ଚଷା ।

ଇଚ୍ଛା ନ ଥିଲେ ବି କରିବାକୁ ହୁଏ
ବାଧ୍ୟରେ ଅନେକ କାମ
କାମ ନ କରିଲେ ସଂସାର ମଧ୍ୟରେ
ହୋଇଯିବ ବଦନାମ
ଡରିମରି ଏଠି କାମ କରାଯାଏ
ଅନିଚ୍ଛାରେ ଖେଳେ ପଶା ।

ଦାଣ୍ଡରେ ମୁହଁକୁ ଟେକି ଚାଲିବାକୁ
ଅନେକ ପ୍ରଚେଷ୍ଟା ଜାରି
ଅବଶ ଶରୀର କ୍ଳାନ୍ତ ମନ ନେଇ
ମୁଣ୍ଡ ହେଉଥାଏ ଭାରି
ପାଦକୁ ଘୋଷାଡ଼ି ଚାଲିବାକୁ ହେବ
ପଡୁ ପଛେ ଶନିଦଶା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

### ନିଃସଙ୍ଗତା ମୋତେ ଅନେକ କଥା କହୁଚି....

**ମନୋରଞ୍ଜନ ଦାଶ**

ସମୟର ଗତି ଚାଲୁଚି
ଆଗକୁ ଆଗକୁ !
ସୁଖ ଆମ ଅଗଣାରେ ପଡୁଚି ,
ଆଉ ଦୁଃଖ ବି ଅକାଳରେ ଘାରୁଚି....
ପ୍ରକୃତିକୁ ବେଶ୍ ଉପଭୋଗ୍ୟରେ
ସମୟ କଟୁଚି...
ସପନ ମନରେ ସାହସ ଦେଉଚି...
ଆଲୁଅରେ ନିଜକୁ ପଢୁଚି,
ଆଉ ଅନ୍ଧାରରେ
ସ୍ମୃତି ସାଉଁଟୁଚି ।
ମୋତେ ଯିଏ ବୁଝିଚି ତ ବୁଝିଚି...
ଯିଏ ନ ବୁଝି ପାରୁଚି,
ମୁଁ ଅବା କ'ଣ କରିପାରିବି !
ଇତସ୍ତତଃ ମୋ ଜୀବନ ଓ ଜୀବିକାକୁ
ଶୃଙ୍ଖଳିତ ରଜ୍ଜୁରେ
ଟାଣିଧରୁଚି ଆତ୍ମସଂଯମରେ...
ଏଠି ସଭିଏଁ ବ୍ୟଗ୍ର,
ବଢ଼ିବାକୁ ଆଗକୁ ଆଗକୁ ।
ସେଇ ଧାଁ ଦୌଡରେ
ମୁଁ ଆସକ୍ତ ନ ଥିଲେବି
ନୀରବରେ ଚାଲୁଚି ଯେ ଚାଲୁଚି...
ଥକ୍କିଯିବି ଅବା କାହିଁକି !
ଚାଲିବାଟା ତ ମୋ ଧର୍ମ...
ଆଉ ନିଃସଙ୍ଗତା ତ ସଠିକ୍ ଧାରାରେ
ମୋତେ ଅନେକ କଥା କହୁଚି ଓ
ବିଭୋରପଣରେ ବାଟ ଚଲଉଚି ।

+ପ୍ରଭାବତୀ ନିଳୟମ୍,
ବେଲତଳ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨

### ବରଷାଦିନିଆ ଖାଦ୍ୟ ବିଶେଷ

**ଧ୍ରୁବ ଚରଣ ଘିବେଲା**

ଝିପିରି ଝିପିରି ଝଡ଼ି ବରଷାରେ
ପାଗ ରହେ ଥଣ୍ଡାଳିଆ
ଥଣ୍ଡା ଥଣ୍ଡା ପାଗ ଲାଗେ ମଜାଳିଆ
ଥଣ୍ଡା ପାଗ ଜମାଣିଆ ।
ଘର ବାହାରକୁ ଗୋଡ଼ କାଢ଼ିବାକୁ
ଇଚ୍ଛା ହୁଏ ନାହିଁ ଜମା
ଘୋଡ଼ିଘାଡ଼ି ହୋଇ ବସି ରହିବାକୁ
ମନ ହାଇଁପାଇଁ ସିନା ।
ଥଣ୍ଡାଳିଆ ପାଗେ ଜଳଖିଆ ପାଗ
ମୁଢ଼ି ପକୁଡ଼ି ନଡ଼ିଆ
ଜଳଖିଆ ପରେ ମଜାଦାର ଚାହା
ପିଆ ପରବ ବଢ଼ିଆ ।
ବେଳା ସମିଆରେ ମାଂସ ତରକାରୀ
ଝୋଳ ବଡ଼ ସୁଆଦିଆ
ଟଟକା ଟଟକା ଭାତ ମାଂସଖିଆ
ଲାଗିଥାଏ ଜମାଣିଆ ।
ଶାକାହାରୀଙ୍କର ନିରାମିଷ ଖାଦ୍ୟ
ଅତି ପ୍ରିୟ ବାରମାସୀ
ବରଷା ଦିନରେ ବାଉଁଶ କରଡ଼ି
ତର୍କଓରି ଖାଇ କେ ଖୁସି ।
କାଙ୍କଡ଼ ବି ମିଳେ ବରଷା କାଳରେ
କାଙ୍କଡ଼ ଭଜା ବଢ଼ିଆ
କାହାର ପସନ୍ଦ କାଙ୍କଡ଼ ତର୍କଓରି
ଖାଇକେ ଖୁସିବାସିଆ ।
ବରଷା ବେଳରେ ଘଡ଼ଘଡ଼ି ହେଲେ
ଜଙ୍ଗଲରେ ଫୁଟେ ଛତୁ
ତରକାରୀ ମଧ୍ୟେ ଶାକାହାରୀଙ୍କର
ପ୍ରିୟ ତରକାରୀ ଛତୁ ।
ଅର୍ଥକରୀ ଚାଷ ପାଳ ଛତୁ ଚାଷ
ହେଲାଣି ଏଠି ସେଇଠି
ସେ ଛତୁ ତର୍କଓରି ସୁଆଦ ନିଆରା
ସଭିଙ୍କ ପ୍ରିୟ ସବୁଠି ।
ଜହ୍ନି ଲାଉ ଭେଣ୍ଡି କଖାରୁ କାକୁଡ଼ି
ବର୍ଷାଦିନିଆ ପରିବା
ବାଡ଼ି ବଗିଚାରୁ ତୋଳି ଆଣିବାରେ
ଯେଝା ଆଗ୍ରହ ରଖିବା ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ମଧୁମତୀ

### ଆନନ୍ଦ କୁମାର ମାଇତି

ଅନେକ ରାତି ପ୍ରର୍ଯ୍ୟନ୍ତ ଦରଜା ଖୋଲା ରଖେ ମଧୁମତୀ
ତା ଲାଗି କି କେଉଁଠି ଅବହେଳା ଚେଇଁ ଉଠିଛି ?

ସେ ହୁଏତ ଭାବିଥିଲା ତମାମ ଉଷ୍ଣତା ପରେ
ବର୍ଷା ର ଝାପଟ ତାକୁ ଉପହାର ଦେବ
ମଧ୍ୟ ରାତିର ତିର୍ଯକ ନକ୍ଷେତ୍ରାଲୋକ ପରି
ଗୌଣିଏ ନିର୍ଲଜ୍ଜ ଆଲିଙ୍ଗନ କରି ତାକୁ ପାଛୋଟି ନେବେ
ଅକମ୍ପିତ ଅନାଙ୍କାକ୍ଷିତ ଅବହେଳିତ ଥିବା ଶଯ୍ୟାକୁ ।

ନିର୍ଜନତା ଓ ନିଃସଙ୍ଗତା ଯେମିତି ଦସ୍ୟୁଟେ ପରି
ତାକୁ ଫସେଇ ଖାଉଛି ବାରମ୍ଵାର
ପୁରା ଅଦମନୀୟ ଭାବେ,
ଏପରି ଅବହେଳା ତାକୁ ଦାଣ୍ଡରେ ଠିଆ କରାଏ
ନିର୍ମୋହ ନିଃସଙ୍କୋଚରେ ।

ଏଇ ହାହାକାର କୁ ? ପଛରେ ପକାଇ ସେ ଧାଇଁ ଯାଇଥିଲା
ସାନିଧ୍ୟର ଆଲିଙ୍ଗନ ବାହୁ ବେଷ୍ଟନିକୁ
କଣ ମିଳିଲା କୋଳାହଳମୟ ଆନନ୍ଦ ସଭାରେ !
ମହଣେ ମହଣେ ଓଠ ମୋଡ଼ା ଭତ୍ସନା ଆଉ
ଅଭିଶପ୍ତ ଅନୁଢ଼ା ଭଳି ବଜାରିଆ ଅବଜ୍ଞା
ତାକୁ ବି ସେ ଭୋଗିଛି, ସ୍ଥିର ଆଉ ନୀରବରେ,
ହେଜି ଯାଇଛି ସେ, ତାକୁ ଆଉ ଶିହରଣ ସପନ ଛୁଇଁବନି
କି ପ୍ରେମର ଦଲକା ବାଆ ମନ ମନେଇବେନି ।

ସେଦିନ ତାକୁ କଣେଇ ସେ ଅନେଇ ଥିଲା
ପୁରା ତାଛଲ୍ୟ ନଥିଲା, ମାୟା ବି ଥିଲା ମିଶିକି
ହୋଇପାରେ ଥର ଥର ଆବେଗ ମିଶା ଥିଲା ଚାହାଣୀରେ
ଏତକ ଯା ତା ଉପହାର
ସେ ଅବହେଳାରେ ଝଡ଼ା ପତର ଆଉ ସେ
ଆକସ୍ମିକ ଦଲକା ପବନ
ତାପରେ ସେଇ ଅବହେଳା
ଏଇ ଅବଜ୍ଞା ର କଳାଦାଗକୁ ? ପୋଛି
ଜୀବନର କୌଣସି ସୀମାରେ ବି ଭାଙ୍ଗି ଯାଇନି ମଧୁମତୀ

ଏକଥା ପାଷାଣ ହୃଦୟ ଗୁଡ଼ା କେବେ ବୁଝିନି ।

କେତେ ଯେ ସ୍ୱପ୍ନ ପ୍ରବଣ ହୋଇ ଯାଇଥିଲା ତା ତରୁଣା
ଯୌବନ
ଉପେକ୍ଷାର କାଚ ଘର ଭାଙ୍ଗି , ଅଗଣିତ ଖଣ୍ଡ ଟୁକୁଡ଼ା
ପୀରତି ପରସରେ ଲିନ ହେବ ସହଜରେ,
ଆକାଶ କାନ୍ଥରେ ଘଷି ହୋଇ ଥିବା ବାଞ୍ଝ ମେଘବି
ବରଷି ଯିବ ନିର୍ଝରରେ ।

ସପନ ସବୁ ଉଜାଗର ରହିଗଲା
ଅବଦମନର ସ୍ୱରଲିପିରେ ଅଟକି ହୋଇ ରହିଗଲା
ସଜ ବୟସର ତରୁଣ୍ୟତାକୁ ମ୍ରିୟମାଣ କରି
ଅବଜ୍ଞା ଉପେକ୍ଷା ଦଖଲ କରିଗଲା ଗୋଟା ଆୟୁଷ କୁ
ଦରୀୟା ଢ଼େଉରେ ଆଉ ଖୋଜି ମିଳୁନି ତା ବେଦନାକ୍ତ ଲୁହ
ଅବହେଳା ଆଜି ତାକୁ କୋରି ଖାଏ ତ ପୁଣି
ଦେହରେ କାତି ଉତାରୀ ନିଏ ପରସ୍ତ ପରସ୍ତ ।

+ ଏରସମା, ଜଗତସିଂହପୁର
ମୋ - ୯୪୩୯୦୭୭୩୯୫

## ଆଦର୍ଶ ବାଟ

### ରତ୍ନପ୍ରଭା ବାଇ

ପିଲାଦିନେ ତୋ, ବୋଲି ମାନି ଚଳୁଥିଲି
ପର ଘରକୁ ପଠେଇଲୁ ଯେତେବେଳେ
ତୋ, ଆଦର୍ଶ ବାଟ ବାଛିନେଲି ।

ମଥାର ଓଢ଼ଣୀ ନ ଖୋଲୁଣୁ
ପାଦର ଅଳତା ନ ଲିଭୁଣୁ
ଏଠି ସବୁ ବାଂଟିକୁଂଟି ଦେଲି ।

ବାଂଟି ଦେଲି ଟିକି ଟିକି କରି
ଅକପଟ ମନ ଆଉ ସୁକୋମଳ ଦେହ
ଅନ୍ତର ନିଗାଡି ପୁଣି ବାଂଟି ଦେଲି ପ୍ରେମରେ
ଶ୍ରଦ୍ଧା ସମ୍ମାନ ଶୁଭେଚ୍ଛା, ମମତା ସେନେହ ।

ସତର୍କରେ ସବୁ ସଂପର୍କ ସାଉଁଟି ସାଉଁଟି
ହୃଦୟ ଥାକରେ ସାଇତି ରଖିଲି,
ସେବାର ସମୀଧ ଜାଳି,
ତ୍ୟାଗର ଘୃତକୁ ଢ଼ାଳି
ଜଞ୍ଜାଳ ଯଜ୍ଞ କୁଣ୍ଡରେ
ସବୁ ସୁଖକୁ ଆହୁତି ଦେଲି,
ଏଇ ଦୁର୍ଲ୍ଲଭ ଜନମେ କିଛି ପୂଣ୍ୟ
ଅରଜିବି ବୋଲି ।

ଅବ୍ୟକ୍ତ ଭାଷାକୁ ମୋର
ଆଖି ଆଇନାରେ ବୁଝିପାରି,
କେତେ ଥର ସନ୍ଦେହରେ
ପ୍ରଶ୍ନବାଚୀ ଆଙ୍କି ଦେଇଚୁ
ତୋର, ସବୁ ଭଲ ତ ?

ହଁ, ଟିଏ ମାରି ଅଳପ ହସରେ
କଥାସାରି ଦିଏ
ତୁ,କାଳେ ମୋ ପାଇଁ ହେବୁ,
ବ୍ୟାକୁଳ ବ୍ୟସ୍ତ ।

ତୁ,ଜାଣିଛୁ ନା,ମାଆ
ଏବେ ମୁଁ, କେତେ ନିଃସ୍ୱ,
ପ୍ରତାରଣା ଜୁଇରେ ମୋ, ଅକପଟ ମନ
ଜଳି ପୋଡି ହୋଇଛି ପାଉଁଶ,
ଅସରା ଲୁହରେ ବତୁରି ଯାଇଛି
ମୋର ଯେତେକ ଆଶା, ବିଶ୍ୱାସ,
ତୋ,ଠୁ ଶିଖିଥିଲି
ସେଇ ଅଭିନୟ ବୋଲି
ଶୁଖିଲା ଓଠରେ ଲଟକି ରହିଛି
ଚେନାଏ ହସ ।

ମୁଁ,ଏବେ ଅନୁଭବି ହେଉଛି, ଲୋ ମାଆ,
ମୋ ଭିତରେ ଦେଖୁଚି, ତୋ ଜୀବନ ଚିତ୍ର
ଆଦର୍ଶ ବାଟରେ ଚାଲି
ତୁ, ସହିଥିବୁ ଜୀବନରେ କେତେ
ଘାତ ପ୍ରତିଘାତ,
ଆଦର୍ଶ ନାରୀ, ଭାବରେ ଦେଖିବାକୁ ମତେ
ତୁ,ପୁଣି ଆକଟ କରି ଚାଲାଇଲୁ ନିରନ୍ତରେ
ମୁଁ, ସେଇ ପଥରେ ଚାଲିବାରେ ଏବେ
ହେଲିଣି ଅଭ୍ୟସ୍ତ ।

+ ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ
ମୋ- ୯୩୩୭୯୭୨୭୪୯

## ମୌସମୀ ତମେ କେବେ ଆସିବ

### ଲବଦାନ ନାଏକ

ମୌସୁମୀ ଗୋ -ଏ ଧରାରେ
କେବେ ହେବ ତମ ଆଗମନ
ମେଘ ପାଲିଙ୍କିରେ ତମେ ବସି ଆସିବ
ବୋଲି
ଚାହିଁ ଅଛନ୍ତି ମୋ ପ୍ରିୟ ଜନ ।

ଗାଁର ନାରୀ ଆଉ ଯେତକ ଯୁବତୀ
ରହିଛନ୍ତି ସବୁ ତମ ଆସିବା
ବାଟକୁ ଚାହିଁ
ମନେ ମନେ କେତେ ଉତ୍କଣ୍ଠା ସତେ
ତମ ରୂପକୁ ଦେଖିବା ପାଇଁ ।

ଧରଣୀ ରାଣୀଙ୍କ ମୁହଁ ଶୁଖିଲାଣି
ତମ ବାଟକୁ ଯେ ଚାହିଁ ଚାହିଁ
ତୃଣ, ଗଛ, ଲତା ସର୍ବେ ଝାଉଁଳି
ପଡିଲେଣି
କିନ୍ତୁ ତମର ଯେ ଦେଖା ନାହିଁ ।

କେଉଁ ସବାରୀରେ ଆସୁଛ ତମେ ଗୋ
ଏତେ ବିଳମ୍ବ କେଉଁଥି ପାଇଁ
ଜ୍ୟୋଷ୍ଠ ଯାଇ ଏବେ ଆଷାଢ଼ ଆସିଲା
କାଇଁ ତମର ତ' ଦେଖା ନାହିଁ ।

ତମେ ଆସୁନାହ ବୋଲି କୋପ କରିଲେଣି
ମୋ ପ୍ରିୟର ଏ ଚାଷୀ ଭାଇ
ଦୁଃଖରେ ଆଖିରୁ ବୋହେ ଲୁହ ଧାର
ତାଙ୍କ ମୁହଁକୁ ଯିଏ ଦେବ ଚାହିଁ ।

ତମ ଅନୁମତି ବିନା ଚାଷୀ ଭାଇଙ୍କର
ଚାଷରେ ଲାଗୁନି ଜମାରୁ ମନ
ତମେ ଯେବେଆସି ତାଙ୍କୁ ଅନୁମତି ଦେବ
ତେବେ ଖେତରେ ପଡିବ ବିହନ ।

ଟାଙ୍ଗରା ଭୂଇଁ ପୁଣି ସବୁଜ ହୋଇ
ଦିସିବ କେତେ ଯେ ସେ ମନୋରମ
ପାହାଡ଼,ପର୍ବତ, ଯେତେ ସବୁ ଖେତ
ହୋଇ ଯିବ ଫସଲରେ ପରିପୂର୍ଣ୍ଣ ।

ମୋର ପ୍ରିୟ ଧରିତ୍ରୀ ଚାହିଁଅଛି ଆଁ କରି
ଜଳ ବୁନ୍ଦା ଟିକକ ପାଇଁ ପରା
ଯେବେ ସେ ଖୋଲା ପାଟିରେ ଜଳ
ବୁନ୍ଦାଟାଏ ପଡିବ
ତେବେ ହସି ଉଠିବ ପୁଣିଏ ଧରା ।

ତମେ ନାହ ବୋଲି ପିଛା ଛାଡୁନାହିଁ
ଏହି ଦେହରୁ ଆମର ଝାଳ
ଗ୍ରୀଷ୍ମ ଉତ୍ତାପରେ ଏହି ଧରାଧାମ
ହେଉଅଛି କେତେ କଲବଲ ।

ମୌସମୀ ଗୋ ଆମ ଧରଣୀ ରାଣୀଙ୍କ
ପାଖେ ତମେ ଯାଇ
ତମ ଦେହର ସେ ନୀଳ ଲୁଗା କାନିକୁ
ହଲେଇ
ଟିକେ ସିଞ୍ଚି ଦିଅ ଶୀତଳତା
ତମରି ପରଶ କେବେ ପାଇବ ବୋଲି
ରାତି ଦିନ ତାର ଚିନ୍ତା ।

+ଓଦ୍ୱିତୀୟ ବର୍ଷର ଛାତ୍ର
ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁର
ମୋ : ୮୨୬୦୬୪୧୨୧୫

## ଦୂରତା

### ସିଦ୍ଧେଶ୍ୱର ତ୍ରିପାଠୀ

ଅସରନ୍ତି ଗପ ବେସୁରା ରାଗିଣୀ
ଅଧାଲେଖା ହାତ ଚିଠି
ସେଇ ଭିଜାପଦ ଚୋରି ହେବା ନିଦ
ଆମ ପ୍ରେମ ମାପକାଠି ।

ଅଧ ବାଟେ ଛାଡି ଅଧୁରା ସପନ
ଅଦିନରେ ଗଲା ଚାଲି
ସେଇ ସପନକୁ ଝୁରୁଛି ଏ ମନ
ଆଜିବି ପାରିନି ଭୁଲି ।

ପଦିଏ କଥାରେ ସାରା ଜୀବନକୁ
ପଡିତ ଯାଇଛି କଟି
ସେଇ ଭିଜାପଦ ଚୋରିହେବା ନିଦ
ଆମପ୍ରେମ ମାପକାଠି ।

ମୋରାଣ ସଜନୀ ସତକି କହିବ
ଭୁଲି ପାରିଛ କି ମୋତେ
ନିଦାଘ ଶ୍ରାବଣ ଶୀତ ଫଗୁଣରେ
ଥରେ ବି ଝୁରିନ ମୋତେ ।

ଇଚ୍ଛା କି ହୋଇନି ଭେଟିବାକୁ ଥରେ
ସବୁ ବନ୍ଧନକୁ କାଟି
ସେଇ ଭିଜା ପଦ ଚୋରି ହେବା ନିଦ
ଆମ ପ୍ରେମ ମାପକାଠି ।

+ ଖୋର୍ଦ୍ଧା

## ଜୀବନ

### ସନ୍ତୋଷିନୀ ଦାଶ(ଗିରି)

ଏବେ ଆଉ ଡର ନାହିଁ
କାଲି ଯାଏ ଅଜଣା ଭୟଟେ
ସବୁବେଳେ ବାଟ ଅଗାଳୁ
ଥିଲା, ସତେ ଯେମିତି
ମରି ମରି ଜିଇଁବାକୁ
ବାଧ କରୁଥିଲା
ବିନା ଦୋଷେ ଦଣ୍ଡ ଯଦି
ଭାଗ୍ୟର ନିର୍ଦ୍ଦେଶ ତେବେ
ସେଇଠି ହିଁ କ୍ରମଶଃ ବିଶ୍ୱାସ
ପାଲଟୁ ଥାଏ ହଳାହଳ ବିଷ
ଈଶ୍ୱରଙ୍କୁ କାଠ ଗଡାରେ
ଠିଆ କରି ଜେରା କରିବାରେ ଡର ନାହିଁ
ବିନା
ଅପରାଧରେ କାହିଁକି ପ୍ରାୟଶ୍ଚିତ କରୁଥିବି
ଅନୁତପ୍ତ ହୋଇ
ଲୁହ ସବୁବେଳେ ଢାଳୁଥିବି
କଣ ପାଇଁ ?
ନାରୀ ଟିଏ ବୋଲି କଣ
ନିଜସ୍ୱ ସତ୍ତାଟିକୁ
ଜାଣିଶୁଣି ମାରି ଚାଲିଥିବି
ବାସ ଏବେ ବହୁତ ହେଇଗଲା
ଝଡ଼ ଆସିବ ତ ଆସୁ
ଏବେ ଆଉ ଡରିବାର ନାହିଁ
ସମ୍ମୁଖୀନ ହେବା ପାଇଁ
ପ୍ରସ୍ତୁତ ଏବେ ଲୁହ ଆଉ କୋହକୁ
କେବେଠୁ ବନ୍ଦୀ କରିଦେଇଛି
ହଁ ଏବେ ଏବେ ପ୍ରକୃତରେ
ଜୀବନକୁ ଜିଇଁବା ସେ ଶିଖିଛି ।

+ ଗୋପାଳପୁର, କେନ୍ଦୁଝର
ମୋ: ୬୩୭୦୫୬୦୫୫୪

## ବର୍ଷାରେ

### ସୁଧାଂଶୁ ଶେଖର ଦ୍ୱିବେଦୀ

ବର୍ଷାରେ ଭିଜୁଥିଲା ରିକ୍ସାବାଲା,
ପରିବାବାଲା, କ୍ଷୀରବାଲା, ପେପରବାଲା
ଭିଜୁଥିଲେ ଶ୍ରମିକ ଓ ପାଦଚଲା ପଥିକ ।

ବର୍ଷାରେ ଭିଜୁନଥିଲେ
ଓଢ଼ି କାର ଭିତରେ ଥିବା
ଆଧୁନିକ ମହିଳା
ଏ ସମସ୍ତଙ୍କ ଫୋଟ ଉଠାଉଥିଲେ
କାର ଖିଡିକିବାଟେ ।

ବିକ୍ରି କରିବେ ଫୋଟ ସବୁ
କୌଣସି ମେଗାଜିନ କି
ନିଉଜ ପେପର ନିମନ୍ତେ
ବେଶୀ ଦରରେ ।

ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ: ୯୬୮୧୩୭୩୫୧୨

## ସିଏ ବାପା

### ନୀଳମଣି ଚାନ୍ଦ

ସପ୍ତାଶ୍ଚର୍ଯ୍ୟ ସମ ସେ ଏକ ଆଶ୍ଚର୍ଯ୍ୟ
ସରଗଠାରୁ ଯେ ବଡ଼
ଯାହାଠୁଁ ଶିଖିଛି ଚାଲିବା,ଖେଳିବା
ସହିବାକୁ ଦୁଃଖ ଝଡ଼ ।

ସିଏ ବଡ଼ ଝଙ୍କାବରଗଛ ପରି
ଦେଇଥାନ୍ତି ସୁଖ- ଛାଇ
ଜୀବନ ସାଗରେ ଯାତ୍ରା ମୁଁ କରଇ
ତାଙ୍କରି ଆଶିଷ ପାଇ ।

ମୋ ସବୁ ପ୍ରଶ୍ନର ଠିକ୍ ଉ ରଟି
ସତରେ ତାଙ୍କୁ ଯେ ଜଣା
ରହିଥାନ୍ତି ହୋଇ ଆଲୋକବ ର୍ତ୍ତିକା
ହୁଏନି ମୁଁ ବାଟବଣା ।

କେବେରେ ଲାଗନ୍ତି ମାନସାଙ୍କ ପରି
ଭାରି ତ ସରଳ ସିଏ
ହେଲେ ଆମ ପରିବାର ବୃ ଟିରେ
ସିଏ କେନ୍ଦ୍ରବିନ୍ଦୁଟିଏ ।

ଯାହାଙ୍କୁ ମଣଇ ଜୀବନ୍ତ ଦିଅଁରେ
ସେ ଶୁଭଚିନ୍ତକ ପରା
ତାଙ୍କରି ସେନେହ,ମମତା ଆଗରେ
ଫିକା କୋହିନୂର ହୀରା ।

ସିଏ ପ୍ରିୟ ବାପା ଢାଳନ୍ତି ଆଶିଷ
ଶ୍ରାବଣ ବାରିଦ ପରି
ଅନେକ ଭିତରେ ଅନନ୍ୟ ସିଏରେ
କିଏ ନୁହଁ ତାଙ୍କ ସରି ।

+ ୨୭, ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

## ସ୍ୱାଗତ

### ସଞ୍ଜୟ ଖେମୁଣ୍ଡୁ

ହେ ବନ୍ଧୁ! ତମକୁ ସ୍ୱାଗତ
ତମ ପାଇଁ ଆଜି ଏ ମାହୋଲ
ଖୁବ ସୁନ୍ଦର ଚାକଚକ୍ୟରେ ସୁସଜ୍ଜିତ
ଖୁସିର ପଞ୍ଚ ମୂର୍ଚ୍ଛନାରେ ଆଜି
ଏ ଗଗନ ପବନ ଖୁବ ମୁଖରିତ ।

ତମେ ଆସିବ ବୋଲି ଫୁଲକଢି କରି
ବିଞ୍ଚି ଦେଇଛି
ଏ ଦେହକୁ ତମ ଆସିବା ବାଟରେ
ଦୀପ କରି ଜଳେଇ ଦେଇଛି ଏ ପ୍ରାଣକୁ
ତମ ବନ୍ଦାପନାରେ
ଆଉ ଅଳତା କରି ସାଇତି ରଖିଛି
ଏ ଦେହର ରକ୍ତକଣିକାକୁ
ନାଇଦେବି ବୋଲି
ତମ କୋମଳ ପାଦରେ ।

ତମେ ଆସ ! ଓହ୍ଲାଇ ପଡ଼
ଏ ଘର ଅଗଣାରେ
କିଛି ଡରିବାର ନାହିଁ
ତମେ ଯଦି ଚାଲିବା ଶିଖିନ
ତେବେ ଏଠି ଚାଲିବା ଶିଖାହୁଏ
କେମିତି ମୃତ ଅତୀତ ମାନଙ୍କୁ
ପାଦରେ ଦଳି,
କେମିତି ଉପରକୁ ଉଠିହୁଏ
ସେମାନଙ୍କୁ ଶିଢ଼ି କରି

ଯଦି କହିବା ଶିଖିନ
ତେବେ କହିବା ଶିଖାହୁଏ
କେମିତି ତିନିତୁଣ୍ଡରେ ଛେଳିକୁକୁର କରି
ଯଦି ଲେଖିବା ଶିଖିନ
ତେବେ ଲେଖିବା ଶିଖାହୁଏ
କେମିତି ଲେଖିବାକୁ ପଡ଼େ
ଜୀବନର ମାଟିସିଲଟରେ
ସଂଘର୍ଷ ଗୁଡ଼ିକୁ ଅ, ଆ କରି
ଆଉ ଯଦି ପଢ଼ିବା ଶିଖିନ
ତେବେ ପଢ଼ିବା ଶିଖାହୁଏ
କେମିତି 'ମରା ମରା'କୁ ରାମ ରାମ ବୋଲି ।

ଏଠି କିନ୍ତୁ ଶୋଇଲା ପୁଅର ଭାଗନାହିଁ
କାରଣ ଦିନରେ ଏଠି ଗଢିବାକୁ ହୁଏ
ସମୁଦ୍ର ଢେଉରେ ବାରବାର ଭାଙ୍ଗିପଡୁଥିବା
ଆଶା ଓ ଆକାଂକ୍ଷାର ଅସହାୟ ବାଲିଘର
ଆଉ ରାତିରେ ଆଖି ଦ୍ୱୟକୁ
ଦେଖାଇବାକୁ ପଡ଼େ
ବେଳାଭୂମିରେ ଅଚେତ ହୋଇ ପଡ଼ିଥିବା
ଶହ ଶହ ଅସୁମାରୀ ମୃତ ସ୍ୱପ୍ନମାନଙ୍କର ।

ହେ ବନ୍ଧୁ! ସ୍ୱାଗତ କରିବା ପୂର୍ବରୁ
ଆଉ ଗୋଟିଏ କଥା କହି ରଖେ
ତମେ ହାରିବା କି ଜିତିବା ଲକ୍ଷ୍ୟନେଇ
ଏଠାକୁ ଆସିଛ ମୁଁ ଜାଣେନା,
ହେଲେ ଏତିକି ଜାଣିରଖ
ଏଠି ପ୍ରିୟର ଭାଜନକୁ
ବିଜୟୀ କରିବା ପାଇଁ
କରାଯାଏ ବ୍ୟୁହ ରଚନା ।

ସେଥିପାଇଁ ଏଠି ଗୁରୁ ଦକ୍ଷିଣାରେ
ମଗାହୁଏ
ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି,
ଶକ୍ତିଶୂନ୍ୟ କରିବା ପାଇଁ କୌଶଳରେ
ମାଗିନିଆ ହୁଏ
ଦେହରୁ କବଚ ଓ କୁଣ୍ଡଳ,
ସାହାଯ୍ୟ ବଦଳରେ ଉପଯୁକ୍ତ ସମୟ
ଦେଖି
କରାହୁଏ ପୁଣି ମୁକୁଟ ଭିକ୍ଷା
ଆଉ ବେଳେ ବେଳେ ଗଧପାଦ ଧରି
ଏଠି
କରାହୁଏ କାର୍ଯ୍ୟ ହାସଲ ।
ତେଣୁ ଟିକେ ସାବଧାନ ରହିବ ।

ଯିଏ ଖାପଖାଇ ଏଠି ଚଳିପାରେ
ତା'ପାଇଁ ଦେଖାଯାଏ
ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା
ଆଉ ଯିଏ ଚଳିପାରେନି
ସେ କୁଶବିଦ୍ଧ ହୋଇ ଭୋଗକରେ
ଅସହ୍ୟ ଯନ୍ତ୍ରଣା ।

ତେଣୁ ଭାବିଚିନ୍ତି ବାଛିନ୍ଦ୍ୱ ତମ ପଥ
ହେ ବନ୍ଧୁ !ତମକୁ ସ୍ୱାଗତ ।

+ ପୁରୁଣା ଚିତାପାରୀ, କୋରୁକୋଣ୍ଡା,
ମାଲକାନଗିରି
ମୋ: ୭୮୫୪୦୧୦୫୧୯

## ସୀମାରେଖା...

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ଦୁଃଖର ପାହାଡ଼ ଆଙ୍କେନାହିଁ କେବେ ଜୀବନ ର ସୀମାରେଖା
ଦରିଆ ବୁଝେନି ତୃଷ୍ଣା କାତର ପରାଣର ମର୍ମକଥା
ଅଳୀକ ଜୀବନ ହାତ ପାତେ କେବେ ସୁଖର ସପନ ପାଇଁ
ହାତ ଠାରୁଥାଏ ଯେଉଁଠି ଚାନ୍ଦିନୀ ମେଘର ପାହାଡ଼ ଡେଇଁ ।

ଅସରା ଅସରା ଲୁହ କେବେ ସେଠି ଫୁଲର ଫସଲ ବୁଣେ
ଆଶା ବୋଇତରେ ଭାସି ଆସୁଥାଏ ଅଦେଖା ସପନ ପଣେ
ସାତ ତାଳ ପଙ୍କୁ ପଦୁଅଁ ହଲାଏ ପବନକୁ ଦେଖି ମଥା
ଦୁଃଖର ପାହାଡ଼ ଆଙ୍କେନାହିଁ କେବେ ଜୀବନର ସୀମାରେଖା ।

ଗଣୁଥିଲା ଯିଏ କୋହର ଭାରରେ ଅଶୁଭ ଭାଗ୍ୟର ରେଖା
ଗୀତଟିଏ ହୋଇ ଝରିପଡ଼େ ସିଏ ଭୁଲି ଅତୀତର ବ୍ୟଥା
ଇନ୍ଦ୍ରଧନୁ ଉଏଁ କାହା ହୃଦୟର ମେଘମୁକ୍ତ ଆକାଶରେ
ରଚିବାକୁ ନୂଆ କଳ୍ପନା ନଅର ସପନ ତୂଳୀକା ଧରେ ।

ହାରିଯାଏ ସେଠି ସମୟ ପୃଷ୍ଠାରେ ଅଶ୍ରୁଭିଜା ଯେତେ ଲେଖା
ଦୁଃଖର ପାହାଡ଼ ଆଙ୍କେନାହିଁ କେବେ ଜୀବନ ର ସୀମାରେଖା ।

+ ଦଶରଥପୁର, ଯାଜପୁର,୭୫୫୦୦୧
ମୋ: ୭୩୭୭୩୧୮୭୮୯

## ଧାନ ତଳି

### ଭରତ ଚନ୍ଦ୍ର ଦାଶ

ଧାନ ତଳି ପକାଇବା କ'ଣ ଏତେ
ସହଜ ହୋଇଛି ଯେ
ଯେତେବେଳେ ଯିଏ
ଚାହିଁଲେ ପକାଇଦେବ
ଧାନ ଗଜା ହେବା ପାଇଁ
ଆଦ୍ରତା ସହ ଉଷ୍ଣତା ଲୋଡା
ଯେପରି ପ୍ରୀତି ଛଳଛଳ
ପ୍ରେମିଳ ମନରୁ ଆପଣାଛାଏଁ
ଉତୁରି ଆସେ କବିତା
ଅଙ୍କରୋଦ୍ଗମ ବୀଜରୁ ଗଛ
ପାଣିରେ ପବନରେ
ମୁଣ୍ଡ ହଲାଏ ତାର କଅଁଳୁଥିବା ପତ୍ର
ହାତ ଠାରି ଡାକେ
କଥା ହୁଏ ମିତ ବସେ
ଗଜା ହେବା ବେଳେଜଗିବାକୁ ପଡେ
ଅଧିକ ପାଣିରେ ଯେପରି ପଚି ନ ଯାଏ
ତା ଦେହକୁ ଟାଣ କରିବା
ମୁଣ୍ଡ ଟେକି ଠିଆହେବା
ଖରା ହିଁ ତ ତାର ବଳ ଏନ୍ତୁଡିଶାଳରେ
ଧାନତଳି ଖୋଜେ ସେବା ନିରନ୍ତର ।
ଗଜାରୁ ପତ୍ରଫିଟିବା ଯାଏ
ସଂଗ୍ରାମ କରିବାକୁ ପଡେ
ପାରାମାନେ ଖୁଂଟି ଖାଇଯାଆନ୍ତି
ତାଙ୍କ ଥଂଟକୁ ମୋର ଡର
ମିଠାଲାଗେ ବୋଲିତ
ସପରିବାର ଡେଣାମେଲାଇ
ବସନ୍ତି ଖାଇବାକୁ
ଆଷାଢର ବାରିପାତରେ
ମୁଁ ରୋମାଞ୍ଚିତ ହୁଏ,
ସ୍ୱପ୍ନ ଦେଖେ ବିଭୋର ହୁଏ
କଅଁଳ ସବୁଜପତ୍ରରେ
ମୋର କୈଶୋର ଯାଇ ଯୌବନ ଆସେ
ପବନ ଓ ବର୍ଷାରେ ସବୁଜିମାର ତରଙ୍ଗରେ
ତନୁ ମୋର ତରଙ୍ଗାୟିତ
ଯିଏ ଦେଖେ ପ୍ରେମରେ ପଡେ
ମୋ ରୂପରେ ଉଲ୍ଲସିତ ହୁଏ ସେ ।
ମୁଁ ଅଛି ବୋଲି ତ
ଶସ୍ୟଶ୍ୟାମଳା ହୋଇଛି ପୃଥ୍ୱୀ
ଅନ୍ନ ଭଣ୍ଡାରରେ ଭରିଛି
ଧରିତ୍ରୀର କୋଳ ।
ପ୍ରାଣୀଙ୍କର ଉଦର ପୂର୍ଣ୍ଣ ହୋଇଛି
ବିବିଧ ସ୍ୱାଦିଷ୍ଟ ଆହାରରେ
ଅଧର ସରସୀରେ ପ୍ରସ୍ଫୁଟିତ
ଆତ୍ମ ତୃପ୍ତିର କମଳ ।
ଧନଧାନ୍ୟରେ ଧରିତ୍ରୀ
ସ୍ୱର୍ଣ୍ଣପ୍ରସୁ ପୂର୍ଣ୍ଣଗର୍ଭା
ଜୀବନ ଜୀଇବାର କଳାରେ
ସେ ଅନିନ୍ଦ୍ୟ ଅନନ୍ୟା
ସୃଷ୍ଟି ସିଏ ପୁଣି ସିଏ ସ୍ରଷ୍ଟା
ଆଦ୍ୟ ପ୍ରଣବ ଓଁକାର
ଶସ୍ୟ ପାଇଁ ସୃଷ୍ଟି ଯା'ର
ଅତୁଲ୍ୟ ସେ ସୃଜନର ମଧୁର ଝଙ୍କାର ।

+ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ,
ମାର୍କୋଣା,
ବାଲେଶ୍ୱର -୭୫୬ ୧୨୬
ମୋ:୯୪୩୭୩୭୨୧୬୬

# ଚାଷୀଙ୍କୁ ଘାରିଲାଣି ସାର ସଙ୍କଟ : ମିଳୁନି ଏମ୍ଓପି ସାର



ଝାରସୁଗୁଡ଼ା , ୧୭/୦୭ (ନି.ପ୍ର): ଚଳିତ ବର୍ଷ ବିଳମ୍ବିତ ମୌସୁମୀ ଯୋଗୁଁ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଛି। ଏବେ ଚାଷୀମାନେ ଚାଷ ପାଇଁ ଅଣ୍ଟା ଭିଡୁଥିବା ବେଳେ ସରକାର ସେମାନଙ୍କୁ ଦରକାର ମୁତାବକ ରାସାୟନିକ ସାର ଯୋଗାଇ ପାରୁନାହାନ୍ତି। ଚାଷୀଙ୍କ ଚାହିଦା ଅନୁସାରେ ଝାରସୁଗୁଡ଼ା ଜିଲ୍ଲାରେ ଏମ୍ଓପି (ମ୍ୟୁରେଟ୍ ଅଫ୍ ପଟାସ) ସାର ଗଚ୍ଛିତ ନାହିଁ। ଏପରିକି ଅନ୍ୟ ସାରଗୁଡ଼ିକ ବି ଚାହିଦା ଅନୁସାରେ ଉପଲବ୍ଧ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ଗତବର୍ଷର ଚାଷକୁ ଦେଖି ଏବର୍ଷ ପାଇଁ ମୋଟ୍ ୧୨୦୦ ମେଟ୍ରିକ୍ ଟନ୍ ଏମ୍ଓପି ସାର ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଥିଲା। ଏହା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୦୦ ମେଟ୍ରିକ୍ ଟନ୍ ଏମ୍ଓପି ଆସିଥିବା ବେଳେ ସେଥିମଧ୍ୟରୁ ୨୨୨ ଟନ୍ ଚାଷୀ ନେଇ ସାରିଲେଣି। ଅର୍ଥାତ୍ ଜିଲ୍ଲାରେ ଆଉ ମାତ୍ର ୭୮ ମେଟ୍ରିକ୍ ଟନ୍ ଗଚ୍ଛିତ ରହିଛି। ବିଶେଷ କରି ମୂଳସାର ଭାବେ ବ୍ୟବହାର ହେଉଥିବା ଏମ୍ଓପିର ଜିଲ୍ଲାରେ ଚାହିଦା ବେଶ୍ ଅଧିକ ରହିଛି। ଘଟଣା ସମ୍ପର୍କରେ କୃଷି ବିଭାଗକୁ ଯୋଗାଯୋଗ କରାଯିବାରେ, ଚଳିତ ବର୍ଷ ସମଗ୍ର ଦେଶରେ ଏମ୍ଓପି ସାରର ନିଅଣ୍ଟିଆ ଯୋଗାଣ ହୋଇଥିବା ଉତ୍ତର ମିଳିଥିଲା। ତେବେ ଚଳିତ ମାସ ଶେଷ ସୁଦ୍ଧା ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲା କୃଷି ବିଭାଗର ତଥ୍ୟ ଅନୁସାରେ, ଚଳିତ ଖରିଫ୍ ପାଇଁ ଜିଲ୍ଲାକୁ ୫ ହଜାର ମେଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି। ପୂର୍ବରୁ ଜିଲ୍ଲାରେ ୩ଶହ ମେଟ୍ରିକ୍ ଟନ୍ ୟୁରିଆ ଗଚ୍ଛିତ ଥିବା ବେଳେ ବର୍ତ୍ତମାନ ଯାଏ ୨୮୦୦ ମେଟ୍ରିକ୍ ଟନ୍ ଆସିଛି। ସେହିଭଳି ଡିଏପି ସାର ପୂର୍ବରୁ ୮୫୯ ମେଟ୍ରିକ୍ ଟନ୍ ଗଚ୍ଛିତ ଥିବା ବେଳେ ପରେ ପ୍ରାୟ ୧୨୦୦ ଟନ୍ ଆସିଛି। ଏହା ମଧ୍ୟରୁ ୧୧ ଶହ ଟନ୍ ସାର ଶେଷ ହୋଇଥିବା ବେଳେ ଆଉ ୯୦୦ ଟନ୍ ଗଚ୍ଛିତ ରହିଛି। କମ୍ପ୍ଲେକ୍ସ ସାର ୨୫୦୦ ମେଟ୍ରିକ୍ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୩୦୦ ମେଟ୍ରିକ୍ ଟନ୍ ଜିଲ୍ଲାକୁ ଆସିଛି।

# ଭାଲୁ ଆକ୍ରମଣରେ ବାପ ମୃତ, ପୁଅ ଗୁରୁତର: ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ନୂଆପଡ଼ା, ୧୭/୦୭ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ସ୍ଥିତ ବିଜାଖମନ ଜଙ୍ଗଲରେ ଭାଲୁ ଆକ୍ରମଣରେ ବାପର ମୃତ୍ୟୁ ହୋଇଥିବା ବେଳେ ପୁଅକୁ ଗୁରୁତର ଅବସ୍ଥାରେ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ଖବର ଅନୁଯାୟୀ, ଆଜି ସକାଳ ଆଠଟା ସମୟରେ ଘନଶ୍ୟାମ ପଟେଲ (୭୦) ଶୌଚ ପାଇଁ ଯାଇଥିବା ବେଳେ ଭାଲୁଟି ଆକ୍ରମଣ କରିଥିଲା । ବାପକୁ ଭାଲୁ ଆକ୍ରମଣ କରିଥିବାର ଦେଖି ପୁଅ ଚୈତୁ ପଟେଲ (୩୫) ଭାଲୁକୁ ଘଉଡ଼େଇବା ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ଭାଲୁଟି ତାଙ୍କୁ ବି ଆକ୍ରମଣ କରିଥିଲା। ବାପ ପୁଅଙ୍କ ଚିତ୍କାର ଶୁଣି ବିରୁନପଦର ଗ୍ରାମବାସୀ ବିଜାଖମନ ଜଙ୍ଗଲକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ, ହେଲେ ବୃଦ୍ଧଙ୍କୁ ଭାଲୁ ଆକ୍ରମଣ କରି ମାରି ଦେଇଥିଲା । ପୁଅକୁ ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ବୃଦ୍ଧ ବାପର ମର ଶରୀରକୁ ୩୫୩ ନମ୍ବର ଜାତୀୟ ରାଜପଥରେ ରଖି ବିରୁନପଦର୍ ଗାଁର ଲୋକେ ରାସ୍ତା ଅବରୋଧ କରିଛନ୍ତି । ଯେ ପର୍ଯ୍ୟନ୍ତ ଭାଲୁକୁ ଧରା ନ ଯାଇଛି ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିବ ବୋଲି ଜିଦ୍ ଧରିଛନ୍ତି। ଘଟଣାସ୍ଥଳରେ ଜଙ୍ଗଲ କର୍ମଚାରି, ପ୍ରଶାସନିକ ଅଧିକାରୀ ପହଂଚି ବୁଝାଇଥିଲେ ମଧ ସେମାନେ ବୁଝିବା ପାଇଁ ନାରାଜ । ପରେ ଘଟଣାସ୍ଥଳରେ ଖଡ଼ିଆଳ ଡିଏଫଓ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ତାଙ୍କ ଜିଦ୍ ରେ ଅଟଳ ରହିଛନ୍ତି । ପ୍ରଥମେ ଭାଲୁକୁ ଧର, ତା ପରେ ରାସ୍ତା ଅବରୋଧରୁ ହଟିବୁ ବୋଲି କହିଛନ୍ତି ଗ୍ରାମବାସୀ । ଅକାଳରେ ବୃଦ୍ଧର ଜୀବନ ଗଲା, ସେଥିପାଇଁ କିଏ ଦାୟୀ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏବେ ମଧ ଏଭଳି ସ୍ଥିତି ଲାଗି ରହିଛି, କଣ ପଦକ୍ଷେପ ନେଉଛି ପ୍ରଶାସନ ତାହା ଦେଖିବାକୁ ବାକି ରହିଲା।

# କେନାଲ ପାଣି ଚାଷୀଙ୍କ ପାଇଁ ସାହା ଭରଷା

ମାଲକାନଗିରି, ୧୭/୦୭ (ନି.ପ୍ର): ଚାଷୀ ହେଉଛନ୍ତି ଦେଶର ଅନ୍ୟ ଦାତା। ଖରା ହେଉ ଅବା ବର୍ଷା ଚାଷୀ କିଛି ଖାତିରି ନାହିଁ। ମୁଣ୍ଡର ଝାଳ ତୁଣ୍ଡରେ ପକାଇ ଦୁଇ ମୁଠାଏ ଅନ୍ୟ ପାଇଁ କ''ଣ ନା କରନ୍ତି ଚାଷୀ। ମାଲକାନଗିରି ଜିଲ୍ଲାରେ ପୋଟେରୁ ବୃହତ୍ତ ଜଳସେଚନ ବିଭାଗ ଦ୍ୱାରା ଗମ୍ପାକୋଣ୍ଡା ଓ ତମସା ମୁଖ୍ୟ କେନାଲ ଦ୍ୱାରା ମାଲକାନଗିରି, କୋରୁକୋଣ୍ଡା, କାଲିମେଳା ଓ ପଡ଼ିଆ ବ୍ଲକରେ ଥିବା ଚାଷ ଜମିକୁ ଜଳସେଚନ କରାଯାଉଛି ! ଚଳିତ ବର୍ଷ ଗମ୍ପାକୋଣ୍ଡା କେନାଲ ରେ ନିୟମିତ ଭାବେ ପାଣି ଛଡ଼ାଯିବାରୁ ଚାଷୀ ମାନେ ଠିକ ସମୟରେ ବାଦାମ ଚାଷ କରିପାରି ବେଶ ଲାଭବାନ ହୋଇଥିବା ଜଣାପଡିଛି !ଗତ କିଛିଦିନ ଧରି ଜିଲ୍ଲାରେ ବର୍ଷା ମଧ ଜାରି ରହିଛି। ଏହାକୁ ଦେଖି ଚାଷ କାର୍ଯ୍ୟରେ ଓହରି ପଡ଼ିଛନ୍ତି ଚାଷୀ। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ନାଲାଗୁଣ୍ଡି ଏବଂ ଟିଗଲ ଗ୍ରାମ ପଂଚାୟତରେ କିଛି ଚାଷୀଙ୍କ ପାଖରେ ଆମେ ପହଂଚି ସେମାନଙ୍କ ପ୍ରତିକ୍ରିୟା ନେଇଥିଲୁ। ଜଣାପଡ଼ିଥିଲା ସେମାନେ ବେଶ୍ ଖୁସି ଅଛନ୍ତି କାରଣ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ବିଳମ୍ବ ହୋଇଥିଲା।

# ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୧୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କନ୍ଧ ସମାଜ ତରଫରୁ ଓଡିଶା କ୍ୟାବିନେଟ ବୈଠକରେ କୁଇ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବକୁ ସୁପାରିଶ ହୋଇଥିବା ନେଇ ଜିଲ୍ଲା କନ୍ଧ ସମାଜ ସଭାପତି ଗୋପୀ ପାଙ୍ଗିଙ୍କ ସଭାପତିତ୍ୱରେ ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଇ ଭାଷାକୁ ଆହୁରି ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଓଡିଶା କ୍ୟାବିନେଟ ବୈଠକରେ କୁଇ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବକୁ ସୁପାରିଶ କରିଛନ୍ତି । ଏହାଦ୍ୱାରା କୁଇ ଭାଷା, ସଂସ୍କୃତିର ସଂରକ୍ଷଣ, ବିକାଶ, ପ୍ରଚାର ପ୍ରସାର ଏବଂ ଗବେଷଣା ଆହୁରି ବ୍ୟାପକ ହେବା ସହ ୧୪ ଲକ୍ଷରୁ ଅଧିକ କୁଇ ଭାଷାଭାଷୀ ଜନଜାତି ଲୋକ ଉପକୃତ ହେବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସଞ୍ଜିତ ଖରା, ସାଧାରଣ ସମ୍ପାଦକ ହରିବନ୍ଧୁ ଗୋଲରୀ, ଉପଦେଷ୍ଟା ଆନନ୍ଦ ପାଙ୍ଗି, ସଂଗଠନ ସମ୍ପାଦକ ସହଦେବ ପାଙ୍ଗି, ଚିତ୍ରକୋଣ୍ଡି ବ୍ଲକ ସଭାପତି ଦେବ ଖରା, ମାଥିଲି ବ୍ଲକ ସଭାପତି ଗୁରୁନାଥ ପାଙ୍ଗି, କୋରୁକୋଣ୍ଡା ବ୍ଲକ ସଭାପତି ମାଳତି ପାଙ୍ଗି, ମାଲକାନଗିରି ବ୍ଲକ ଉପଦେଷ୍ଟା ବୁଦ୍ରା ଗୋଲରୀ, ଖଇରପୁଟ ଉପଦେଷ୍ଟା ମନ ପାଙ୍ଗି ଓ ସିତାରାମ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ ଜିଲ୍ଲା ବନପାଳି ଗ୍ରାମବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାରତ ମାତା ମନ୍ଦିର

ବୌଦ୍ଧ, ୧୭/୦୭ (ନି.ପ୍ର): ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାବରେ ମାନ୍ୟତା ଲାଭ କରିଥିବା ଭାରତରେ ଅନେକ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାର ନିର୍ମାଣ କରାଯାଇଛି । ଭାରତୀୟ ସମ୍ବିଧାନ ସବୁ ଧର୍ମର ଲୋକଙ୍କୁ ସମାନ ଅଧିକାର ଦେଇଥିବା ବେଳେ ଜନସାଧାରଣ ନିଜର ଧାର୍ମିକ ଭାବନା ଅନୁଯାୟୀ ଏହି ସବୁ ଅନୁଷ୍ଠାନରେ ପୂଜାର୍ଚ୍ଚନା ଓ ସାଧନା କରିଥାନ୍ତି । ଏସବୁ ମଧ୍ୟରେ ରାଷ୍ଟ୍ରଭକ୍ତିକୁ ନେଇ ପୂଜାର୍ଚ୍ଚନା ବିରଳ ପରମ୍ପରା ଅଟେ । ବୌଦ୍ଧ ଜିଲ୍ଲାର ଉପାନ୍ତ ଗ୍ରାମ ବନପାଳି ଏହିପରି ରାଷ୍ଟ୍ରଭକ୍ତିକୁ ନେଇ ଉଦବୁଦ୍ଧ । ଗ୍ରାମରେ ଗୋଟିଏ ମନ୍ଦିର ଏବଂ ସେଠାରେ କୌଣସି ଦେବାଦେବୀ ନୁହଁ, ପୂଜା ପାଆନ୍ତି ଖୋଦ ଭାରତ ମାତା । ହାତରେ ତ୍ରିରଙ୍ଗା ଧରି ମନ୍ଦିର ଭିତରେ ସିଂହାସନରେ ପୂଜା ପାଉଛନ୍ତି ଭାରତମାତା । ବୌଦ୍ଧ ସଦର ମହକୁମାରୁ ଖୋର୍ଦ୍ଧା - ବଲାଙ୍ଗୀର ଜାତୀୟ ରାଜପଥରେ ସୁବର୍ଣ୍ଣପୁର ଆଡକୁ ଯିବାବେଳ ୨୫ କିଲୋମିଟର ପରେ ବହିରା ହାଇସ୍କୁଲ ଛକଠାରୁ ବାମକୁ ୬ କିଲୋମିଟର ଗଲେ ପଡେ ବନପାଲି ଗ୍ରାମ । ବୌଦ୍ଧ ବ୍ଲକ ଗୋଛାପଡା ପଚାଂୟତ ଅନ୍ତର୍ଗତ ବନପାଲି ଗ୍ରାମରେ ରୁହନ୍ତି ପ୍ରାୟ ଶହେ ପରିବାର । ସମସ୍ତେ ପ୍ରାୟ ତନ୍ତି ସଂପ୍ରଦାୟର ଏବଂ ଲୁଗା ବୁଣି ପରିବାରର ଗୁଜୁରାଣ ମେଂଟାଇଥାନ୍ତି । ବନପାଲିରେ ଗ୍ରାମଦେବତୀ ଭାବରେ ପୂଜା ପାଉଥିବା ଭାରତମାତାଙ୍କ ଅବସ୍ଥିତିକୁ ନେଇ ମନ୍ଦିରର ପୂଜକ କୁହନ୍ତି, ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୪୨ ମସିହାରୁ ଏଠାରେ ଭାରତମାତା ପୂଜା ପାଇଆସୁଛନ୍ତି । ଗ୍ରାମର ତିନି ଜଣ ବ୍ୟକ୍ତି ଗୋପୀନାଥ ମେହେର, ଦମନ ମେମହେର ଓ ରଘୁନାଥ ମେହେର ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ସେମାନଙ୍କ ଦ୍ୱାରା ଗ୍ରାମରେ ଭାରତ ମାତାଙ୍କ ମୂର୍ତି ସ୍ଥାପନା କରାଯାଇଥିବା ଅନୁମାନ କରାଯାଏ । ପ୍ରଥମେ ଠାକୁରାଣୀଙ୍କ ମନ୍ଦିର ଗ୍ରାମ ଭିତରେ ଥିଲା । ସେଠାରୁ ଦୁଇଟି ସ୍ଥାନକୁ ସ୍ଥାନାନ୍ତର କରାଯିବା ପରେ ଗାଁ ମୁଣ୍ଡ ପୋଖରୀ ନିକଟରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି । ଅନ୍ୟ ଦେବାଦେବୀ ମନ୍ଦିର ଭଳି ଭାରତ ମାତା ମନ୍ଦିରରେ ସବୁ ପର୍ବପର୍ବାଣୀରେ ପୂଜାର୍ଚ୍ଚନା କରାଯାଏ । ପାଖ ପଡ଼ୋଶୀ ଗ୍ରାମରୁ ଶ୍ରଦ୍ଧାଳୁମାନେ ମଧ ହାତରେ ଭୋଗଥାଳି ନେଇ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ଗ୍ରାମବାସୀମାନେ ସମବେତ ହୋଇ ପୂଜାର୍ଚ୍ଚନା ଓ ସଂକିର୍ତନ କରିଥାନ୍ତି । ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ମନ୍ଦିର ନିକଟରେ ଜାତୀୟ ପତାକା ଉତୋଳନ କରାଯିବା ସହିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ନିର୍ବାଚିତ ଲୋକ ପ୍ରତିନିଧି, ସମାଜସେବୀ ଓ ସରକାରୀ ଅଧିକାରୀମାନଙ୍କୁ ଏହି ସ୍ୱତନ୍ତ୍ର ଦିବସରେ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥାଏ । ଅନ୍ୟ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଧ୍ୱଜା ଚଢା ଯିବାର ପରମ୍ପରା ରହିଥିବା ବେଳେ ଏଠାରେ ଭାରତମାତାଙ୍କୁ ତ୍ରିରଙ୍ଗା ଚଢାଇବାର ପରମ୍ପରା ମଧ ରହିଛି । ବର୍ଷତମାମ ଯେକୌଣସି ଶ୍ରଦ୍ଧାଳୁ ଚାହିଁଲେ ମାତାଙ୍କ ପାଇଁ ନୂତନ ତ୍ରିରଙ୍ଗା ପତାକା ପ୍ରଦାନ କରିଥାନ୍ତି । ଗ୍ରାମର ଯୁବକମାନେ ଭାରତ ମାତା ଯୁବକ ସଂଘ ନାମରେ ଏକ ଅନୁଷ୍ଠାନ ଗଢିବା ସହିତ ଗ୍ରାମର ବିଭିନ୍ନ ପ୍ରକାର ଉନ୍ନତି କାର୍ଯ୍ୟରେ ସାମିଲ୍ ହୋଇଥାନ୍ତି । ଗ୍ରାମର ସବୁ ନିଷ୍ପତି ସଭାସମିତି ମନ୍ଦିର ପ୍ରାଙ୍ଗଣରେ ବସି ନିଆଯାଇଥାଏ । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଏଠାରେ ଭାରତମାତାଙ୍କ ନିକଟରେ ପ୍ରଥମେ ନବାହ୍ନ ଲାଗି ହେବାପରେ ଗ୍ରାମବାସୀମାନେ ଖାଇଥାନ୍ତି । ଭାରତମାତାଙ୍କ ମନ୍ଦିର ପାଇଁ ଗ୍ରାମରେ ସର୍ବଦା ଶାନ୍ତ ବାତାବରଣ ରହିଥିବା ବୟସ୍କମାନେ ପ୍ରକାଶ କରିବା ସହିତ ନୂଆପିଢୀକୁ ମଧ ମା ଙ୍କ ପୂଜାର୍ଚ୍ଚନାରେ ହେଳା ନକରିବାକୁ ପରାମର୍ଶ ଦେଇଥାନ୍ତି । ବନପାଲି ଗ୍ରାମବାସୀଙ୍କ ସମସ୍ତ ଦୁଃଖ, ସୁଖ, ପର୍ବପର୍ବାଣୀର ଏକମାତ୍ର ମୁକସାକ୍ଷୀ ଭାବରେ ଦୀର୍ଘବର୍ଷ ହେଲା ପୂଜା ପାଇଆସୁଛନ୍ତି ଭାରତ ମାତା । ସତରେ ବନପାଲି ଗ୍ରାମବାସୀଙ୍କ ଅନନ୍ୟ ରାଷ୍ଟ୍ରଭକ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ନିଶ୍ଚିତ । ଦେଶ ସ୍ୱାଧୀନତା ପୂର୍ବରୁ ସ୍ଥାପିତ ଭାରତମାତା ମନ୍ଦିର ସମ୍ପ୍ରତି ଅନେକ ସମସ୍ୟା ମଧ୍ୟରେ ଗତି କରୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହା ଦେଶରେ ଅନ୍ୟତମ ବିରଳ ମନ୍ଦିର ହୋଇଥିଲେ ମଧ ଏପର୍ଯ୍ୟନ୍ତ ମନ୍ଦିରକୁ କୌଣସି ପ୍ରକାର ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ । କୌଳିକ ବୃତି ସହିତ ପୂଜକ ମା ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ବୁଝିଥାନ୍ତି । ବିଧାୟକ ପାଣ୍ଠି ଅନୁଦାନରେ ମାଙ୍କ ପାଇଁ ଖଣ୍ଡିଏ ପକ୍କାଘର ସିନା ନିର୍ମାଣ କରାଯାଇଛି ଅନ୍ୟ ମନ୍ଦିର ଭଳି ଚାକଚକ୍ୟ ଏଠାରେ ଦେଖାଯାଏନାହିଁ । ଅର୍ଥ ଅଭାବରୁ ମନ୍ଦିର ପାଇଁ ଉଚ୍ଚ ଗମ୍ବୁଜ ମଧ ନିର୍ମାଣ ହୋଇପାରିନାହିଁ । ମନ୍ଦିର ଚାରିପଟେ ଗୋଟିଏ ଏକର ସରକାରୀ ଜମି ରହିଛି । ଏହାର ଉନ୍ନତିକରଣ କରାଯାଇ ମନ୍ଦିର ବେଢା ସୃଷ୍ଟି ସହିତ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇପାରିଲେ ଦର୍ଶନାର୍ଥୀ ମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରାଯାଇପାରନ୍ତା ବୋଲି ଗ୍ରାମବାସୀମାନେ କହିଛନ୍ତି ।

## ବୋମାମାଡ଼ ଘଟଣାରେ ୫ ଗିରଫ

ପୁରୀ, ୧୭/୦୭ (ନି.ପ୍ର): ଗତ ୧୪ ତାରିଖ ସଂଧ୍ୟା ସାଢେ ୬ଟା ସମୟରେ ଗୌଡ଼ବାଡ଼ ସାହି ମାଛ ମାର୍କେଟରେ ସନ୍ତୋଷ ସାହୁ ସାହୁ ବସିଥିବା ବେଳେ ରାଜା ମଲ୍ଲିକ, କାହ୍ନା, ରଘୁ, ଅକ୍ଷୟ ତାଙ୍କୁ ଦାଦା ବଟି ମାଗି ଆକ୍ରମଣ କରିଥିଲେ। ଏହାସହ ତାଙ୍କ ଦୋକାନ ଉପରକୁ ବୋମାମାଡ଼ କରିଥିଲେ। ଏ ସମ୍ପର୍କରେ ସନ୍ତୋଷ ସାହୁ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ଏସପି କେ.ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଏସମ୍ପର୍କରେ ତନାଘନା କରିଥିଲେ। କୌଣସି ସୁତ୍ରରୁ ଖବରପାଇ ଅଭିଯୁକ୍ତ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏ ସମ୍ପର୍କରେ ଆଜି ଏସପି ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରଦାନ କରିଥିଲେ। ଅଭିଯୁକ୍ତମାନେ ହେଲେ ତିଆଡ଼ି ସାହି ବାଲିଉପର ରାଜା ମଲ୍ଲିକ (୨୩),ରଘୁ ମଲ୍ଲିକ (୨୦),ବାଟଗାଁର ଅକ୍ଷୟ ରାଉତ (୪୪),ଗୌଡ଼ବାଡ଼ ସାହିର ସୁନିଲ ସାହୁ (୨୨) ଓ ଗୋପୀନାଥପୁରର ମାନସ ଭୋଇ (୩୨)ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# କେସିଙ୍ଗା ବ୍ଲକ ସାର ବ୍ୟବସାୟୀଙ୍କ ଦବଙ୍ଗଗିରି : ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର

ଭବାନୀପାଟଣା, ୧୭/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କର୍ଲାଭାଡି ଠାରେ ଥିବା ଭାଗ୍ୟଲକ୍ଷ୍ମୀ ଅର୍ଗାନିକ ପ୍ରାଇଭେଟ ଲିମିଟେଡ କପା ମିଲରେ ବେଆଇନ ଭାବେ ବିପୁଳ ପରିମାଣର ସାର ଗଚ୍ଛିତ ଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଂଚିଥିଲେ । ଏ ବାବଦରେ ଆଲୋଚନା କରିବା ସମୟରେ ତତକ୍ଷଣାତ ରାଗିଯାଇ ଗଣମାଧମ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ବୁମକୁ ଛଡାଇବା ପାଇଁ ଉଦ୍ୟକ୍ତ ହେଲେ, ଉପସ୍ଥିତ ଜଣେ ଗଣମାଧମ ପ୍ରତିନିଧି ନିଜର ପରିଚୟ ଦେଲା ପରେ ପରିଚୟ ପାଇ ମଧ ସେ ତାଙ୍କୁ ବହୁତ ଗାଳିଗୁଲଜ କରିଥିଲେ । ଗଣମାଧମ ପ୍ରତିନିଧି ରହୁଥିବା ଡେଣ୍ଡୋଗୁଡା ସ୍ଥାନକୁ ନେଇ ବାରମ୍ବାର ଖରାପ ବ୍ୟବହାର କରିଥିଲେ । ସାର ବେପାରୀଙ୍କ ଏପରି ଯୁକ୍ତିକୁ ଗଣମାଧମ ପ୍ରତିନିଧି ଦେଖି ତାଙ୍କର ସନ୍ଦେହ ଆହୁରି ବଢିଯାଇଥିଲା। ଯାହାଫଳରେ ଗଣମାଧମ ପ୍ରତିନିଧି ସେଠାରୁ ପଳେଇ ଆସି ବିଭାଗିୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଇଥିଲେ । ଗଣମାଧମ ପ୍ରତିନିଧି କପା ମିଲ ରେ ବହୁ ମାତ୍ରାରେ ସାର ଗଚ୍ଛିତ ଥିବା ଖବର କେସିଙ୍ଗା ଏସଡିପିଓ, କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦଙ୍କୁ ଫୋନ ମାଧମରେ ଜଣାଇ ଥିଲେ । ଏହା ପରେ କେସିଙ୍ଗା କୃଷି ଅଧିକାରୀଙ୍କୁ ଗଚ୍ଛିତ ସାର ବାବଦରେ ଜଣାଯାଇଥିଲା। କେସିଙ୍ଗା କୃଷି ଅଧିକାରୀ ଏହାର ସତ୍ୟତା ଜାଣିବା ପାଇଁ କପା ମିଲ କୁ ଯାଇ ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ୧୪ ରୁ ୧୫ ହଜାର ବସ୍ତା ଗୋଦାମରେ ଥିବା କୃଷି ଅଧିକାରୀଙ୍କୁ କହିଥିଲେ । ଏ ବାବଦରେ କେସିଙ୍ଗା କୃଷି ଅଧିକାରୀ ଜିଲ୍ଲା କୃଷି ଅଧିକାରୀଙ୍କୁ ୧୪ ରୁ ୧୫ ହଜାର ସାର ମିଲରେ ଗଚ୍ଛିତ ଥିବା କହିବାରୁ ସେ ଚମକି ପଡିଥିଲେ ଏତେ ମାତ୍ରାରେ ସାର ଗଚ୍ଛିତ ଥିବା ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି ଜିଲ୍ଲା କୃଷି ଅଧିକାରୀ କେସିଙ୍ଗା କୃଷି ଅଧିକାରୀଙ୍କୁ ଜଣାଇ ଥିଲେ । ସାର ମାଲିକଙ୍କୁ କୃଷି ଅଧିକାରୀ କପା ମିଲ ରେ ମହଜୁଦ ଥିବା ସାରକୁ ନେଇ କାଗଜପତ୍ର ମାଗିଥିଲେ ତାହା ସହ ସାର ବ୍ୟବସାୟୀ ସାର କମ୍ପାନୀ ସହ କରିଥିବା ଏଗ୍ରିମେଂଟର କପି ମାଗିଥିଲେ। ତେବେ ଏପର୍ଯ୍ୟନ୍ତ ସାର ବେପାରୀ କୌଣସି କାଗଜପତ୍ର ଦେଇନଥିବା କୃଷି ଅଧିକାରୀ କହିଛନ୍ତି। ଯଦି ଏହାର ପ୍ରକୃତ ତଦନ୍ତ କରାଯାଏ ତାହାହେଲେ ଆହୁରି ଅଧିକ ତଥ୍ୟ ସାମ୍ନାକୁ ଆସିବା ସହ ଏପରି ଆହୁରି ମିଲ ଓ ଗୋଦାମରେ ବିପୁଳ ପରିମାଣରେ ସାର ଗଚ୍ଛିତ ଥାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ଏଠାରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କି ସରକାର ସାର ଅଭାବି ବିକ୍ରିକୁ ଦୂର କରିବା ପାଇଁ ଚେଷ୍ଟା କରୁଥିବା ସମୟରେ ବହୁ ପରିମାଣର ସାର କପା ମିଲରେ ଗଚ୍ଛିତ ଥିବା କେତେଦୂର ଯୁକ୍ତିଯୁକ୍ତ । ଏପରି ଖବର ପାଇ ଗଣମାଧମ ପ୍ରତିନିଧି ଉତର ଜାଣିବାକୁ ଚେଷ୍ଟା କଲେ ଜୀବନରେ ମାରିଦେବାକୁ ଧମକ ସରକାରଙ୍କର ସାମ୍ବାଦିକ ସୁରକ୍ଷା ଆଇନକୁ ନେଇ ସାମ୍ବାଦିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଉଚିତ ତଦନ୍ତ ସହ ଅସାଧୁ ସାର ବ୍ୟବସାୟୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବୋଲ ବମ୍ ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ

ପୁରୀ, ୧୭/୦୭ (ନି.ପ୍ର): ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅତି ପୂଣ୍ୟ ବାର ହୋଇଥିବାରୁ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ବୋଲ ବମ୍ କାଉଡ଼ିଆ ଭକ୍ତ ଶ୍ରୀକ୍ଷେତ୍ରରେ ପହଞ୍ଚିଛନ୍ତି । ବଡ଼ଦାଣ୍ଡରେ ଯିବା ସମୟରେ ବୋଲ ବମ୍ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଚାରୋଟି ଶୁଭ ସଂଯୋଗ ଯୋଗୁଁ ପାଣି ଢାଳିଲେ ମହାପୂଣ୍ୟ ଅର୍ଜନ ହେବ ବୋଲି ବିଶ୍ୱାସ ରହିଛି । ସୋମବାର ସେମାବତୀ ଅମାବାସ୍ୟା, ହରି ଆଳି ଅମାବାସ୍ୟା, ରୁଦ୍ରାଭିଷେକ ଓ ପୁନର୍ବସୁ ନକ୍ଷତ୍ର ସଂଯୋଗ ପଡୁଥିବାରୁ ସ୍ନାନ ଓ ଦାନ ଦେଲେ ଅକ୍ଷୟ ପୂଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ସୋମବାରରେ ଶିବପାର୍ବତୀଙ୍କୁ ପୂଜା କଲେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହେବ ବୋଲି ବିଶ୍ୱାସ ରହିଛି । ଶ୍ରାବଣ ମାସ ଭଗବାନ ଶିବଙ୍କ ପ୍ରିୟ ମାସ ହୋଇଥିବା ବେଳେ ଦ୍ୱିତୀୟ ସୋମବାର ଅଧିକ ପୂଣ୍ୟ ହୋଇଥିବାରୁ ହଜାର ହଜାର କାଉଡ଼ିଆ ଭକ୍ତ ଝିପି ଝିପି ବର୍ଷାରେ ଓଦା ହୋଇ ବାହୁଙ୍ଗିରେ ପାଣି ନେଉଥିବା ଦେଖିବାକୁ ମିଳୁଛି । ଅନେକ କାଉଡ଼ିଆ କୋଣାର୍କ ପଟୁ ମାଟିଆପଡ଼ା ଦେଇ ବଡ଼ଦାଣ୍ଡରେ ପ୍ରବେଶ କରୁଛନ୍ତି । ଭୁବନେଶ୍ୱର ପଟୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରୁ ଅନେକ ହରେକୃଷ୍ଣପୁର ମଙ୍ଗଳାଘାଟ ଦେଇ ଲୋକନାଥଙ୍କ ମନ୍ଦିର ନିକଟରେ ପହଞ୍ଚୁଛନ୍ତି। ଲୋକନାଥଙ୍କ ପୀଠ ନିକଟରେ ବୋଲ ବମ୍ ଭକ୍ତ ରହିବା ପାଇଁ ସ୍ୱତନ୍ତ୍ର ରହଣୀ ବ୍ୟବସ୍ଥା କରାଯାଇଛି । ସେହିପରି ବାହୁଙ୍ଗି ରଖିବା ପାଇଁ ବାଉଁଶ ଭାରା ପୋତାଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଜଣେ କାଉଡ଼ିଆ ଭକ୍ତ ପିଛା ୨୦ ଟଙ୍କାଦେଇ ରସିଦ କଟିବା ପାଇଁ ବ୍ୟବସ୍ଥା ହୋଇଛି ।

# ମାଲକାନଗିରି ସରକାରୀ ପଲିଟେକ୍ନିକ୍ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ

ମାଲକାନଗିରି, ୧୭/୦୭ (ନି.ପ୍ର): ମାଲକାନଗିରି ସରକାରୀ ପଲିଟେକ୍ନିକ୍ ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୩ ପାଳନ କରାଯାଇଛି । ଅନୁଷ୍ଠାନର ପ୍ରଶାସନିକ ବ୍ଲକ ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଅଧକ୍ଷ ଶ୍ରୀ ଜ୍ଞାନ ରଞ୍ଜନ ଦାସ ସ୍ୱାଗତ ସମ୍ବୋଧନରେ ବୈଠକ ଆରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବରେ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ (ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ରାଜସ୍ୱ, ମାଲକାନଗିରି), ନିମନ୍ତ୍ରିତ ଅତିଥି ଶ୍ରୀ ଶୁଭଞ୍ଜନ ମହାପାତ୍ର (ବିଏସଏଫ, ଡେପୁଟି କମାଣ୍ଡାଣ୍ଟ), ମୁଖ୍ୟ ବକ୍ତା ଡ. ରଞ୍ଜନ କୁମାର ସ୍ୱାଇଁ ( ବାଣିଜ୍ୟ ମୁଖ୍ୟ,ମାଲକାନଗିରି କଲେଜ) ଏବଂ ବିଭିନ୍ନ ଅନୁଷ୍ଠାନର ଶିକ୍ଷକ/ଶିକ୍ଷୟତ୍ରୀ ଇତ୍ୟାଦି ଉପସ୍ଥିତ ଥିଲେ । ଏହି ସଭାରେ ସମସ୍ତ ଅତିଥି ଏବଂ ବକ୍ତା ଗର୍ବିତ ଅନୁଭବ କରିଥିଲେ ଯେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ଦକ୍ଷତା ବିକାଶ ଦିଗରେ ପ୍ରଚେଷ୍ଟା ପାଇଁ ଅନୁଷ୍ଠାନ ଏଭଳି କାର୍ଯ୍ୟକ୍ରମ ଜିଲ୍ଲା ପାଇଁ ଏକ ଉଦାହରଣ । ଛାତ୍ରଛାତ୍ରୀମାନଙ୍କ ଦକ୍ଷତାର ଉନ୍ନତି ପାଇଁ ସେମାନେ ଗୁରୁତ୍ୱପୂର୍ଣ୍ଣ ବିଷୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ସମସ୍ତ ମାନ୍ୟଗଣ୍ୟବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀ ଅବକାଶ ପ୍ରଧାନୀ (ପଦାର୍ଥ ବିଜ୍ଞାନ ଅଧାପକ) ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରକାରୀ ପଲିଟେକ୍ନିକ୍ ଠାରେ ଓଡିଆ ଏବଂ ଇଂରାଜୀ ବିତର୍କ ପ୍ରତିଯୋଗିତା, ଓଡିଆ ଏବଂ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା,ଚେସ୍, କାରୋମ୍ ଇତ୍ୟାଦି ଆୟୋଜନ କରାଯାଇଥିଲା । ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ନୋଡାଲ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟ,ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଏସଏସଡି ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ,ଆଦର୍ଶ ବିଦ୍ୟାଳୟ,ମହିଳା ଜୁନିଅର ମହାବିଦ୍ୟାଳୟ,ମାଲକାନଗିରି, ମହାବିଦ୍ୟାଳୟ,ସରକାରୀ ପଲିଟେକନିକ ମାଲକାନଗିରି ଇତ୍ୟାଦି ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ସରକାରୀ ପଲିଟେକନିକ ମାଲକାନଗିରିର ଅମିତ କୁମାର ତିର୍କି (ଇଂରାଜୀ ଅଧାପକ ), ବିପିନ ବିହାରୀ ମହାନ୍ତି (ରସାୟନ ବିଜ୍ଞାନ ଅଧାପକ) , ଆଶିଷ ଶର୍ମା (ଗଣିତ ଅଧାପକ ), ଶର୍ମିଳା ଶବର (ମେକାନିକାଲ୍ ଇଞ୍ଜିନିୟରିଂ ଅଧାପିକା ),ଅବକାଶ ପ୍ରଧାନୀ(ପଦାର୍ଥ ବିଜ୍ଞାନ ଅଧାପକ),ପ୍ରୀତିରଂଜନ ପ୍ରିୟଦର୍ଶୀ ପାତ୍ର (ସିଭିଲ୍ ଇଞ୍ଜିନିୟରିଂ ଅଧାପକ), ଜେ.ବିନୋଦ କୁମାର (ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଅଧାପକ ) , ପଲ୍ଲବୀ ମହାନ୍ତ (ଯନ୍ତ୍ର ଏବଂ ନିୟନ୍ତ୍ରଣ ଅଧାପିକା) ,ପାର୍ଥସାରଥୀ ମଲ୍ଲିକ(ପ୍ରୟୋଗ ଉପକରଣ ଏବଂ ନିୟନ୍ତ୍ରଣ ଅଧାପକ) ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ମାନଙ୍କର ପରିଚାଳନା କରିଥିଲେ କ୍ଷ ଶ୍ରୀ ତପନ କୁମାର ବେହେରା (ଓଡିଆ ଅଧାପକ,ମାଲକାନଗିରି ମହାବିଦ୍ୟାଳୟ), ଶ୍ରୀ ରବୀନ୍ଦ୍ର କୁମାର ମହାରାଣା( ଅବସରପ୍ରାପ୍ତ, ଏବିଇଓ), ସୁଭଶ୍ରୀ ପ୍ରିୟଦର୍ଶିନୀ (ଶିକ୍ଷୟତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ), ସ୍ମୃତିରେଖା ଓଜା(ଶିକ୍ଷୟତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ), ମମତା କୁମାରୀ ଥାମାରା (ଶିକ୍ଷୟତ୍ରୀ,ସରକାରୀ ଏସଏସଡି ହାଇସ୍କୁଲ, ସତୀଗୁଡା),ବାସନ୍ତୀ ସର୍ଦ୍ଦାର,(ଶିକ୍ଷୟତ୍ରୀ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟ) ଇତ୍ୟାଦି ପରିଚାଳନା ଏବଂ ମୂଲ୍ୟାଙ୍କନ କରିଥିଲେ । ବୈଠକ ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରାଯାଇଥିଲା ଏଥିରେ ଶର୍ମିଳା ଶବର, ମଙ୍ଗଳ ସିଂ ଲକ୍ଷ୍ମଣ ମାଝୀ ଇତ୍ୟାଦି ସହଯୋଗ କରିଥିଲେ ।

# ଜୟପୁରଠାରେ ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ ପାଳନ

ଜୟପୁର, ୧୭/୦୭ (ନି.ପ୍ର): ଓଡିଶା ଅମଲା ସଂଘର ୮୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଜୟପୁର ଠାରେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ଉପଖଣ୍ଡ ଓ କୋରାପୁଟ ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ମାନେ ଯୋଗଦାନ କରିବା ସହିତ ମାଲକାନଗିରି ଓ ନବରଙ୍ଗପୁରର କିଛି ଅମଲା ମାନେ ମଧ ଆଗ୍ରହ ପ୍ରକାଶ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସମସ୍ତେ ପାୱାର ହାଉସ ଛକ ନିକଟରୁ ବାହାରି ଜୟପୁର ରିଙ୍ଗ ରୋଡ ରାଜପଥ କଡ଼ ସ୍ମଶାନ ଚତୁପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ। ଏଥିରେ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଶଶୀଭୂଷଣ ଦାଶ, ଉପସଭାପତି ବୃନ୍ଦାବନ ପଣ୍ଡା, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, କାର୍ଯ୍ୟାଳୟ ସଭାପତି ଶ୍ରୀଧର ହୋତା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ସାହୁ, କାଳିପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୌଧୁରି, ତ୍ରିନାଥ ପଣ୍ଡା, ଗୌରି ପ୍ରସାଦ ଦାସ, ସତ୍ୟ ରଞ୍ଜନ ତ୍ରିପାଠୀ, କିରଣ ବିଶ୍ୱାସରାୟଙ୍କ ସମେତ ଶତାଧିକ ଅମଲା ବୃକ୍ଷ ରୋପଣ କରିଥିଲେ। ପ୍ରାୟ ଶହେରୁ ଅଧିକ ଗଛ, ଆମ୍ବ, ପଣସ, ପିଜୁଳି, ନିମ୍ବ, ଗୁଆ, ଅଁଳା, ଜାମୁକୁଳି, ଚମ୍ପା ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା।

# ଶିକ୍ଷକ ସଂଘର ସମୂହ ଛୁଟି ଚେତାବନୀ

ଉଦଳା , ୧୭/୦୭ (ନି.ପ୍ର): ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତି ଅନୁସାରେ ଚଳିତ ଜୁଲାଇ ୨୪ ତାରିଖରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି । ଉଦଳା ବ୍ଲକ ସ୍ତରରେ ଉକ୍ତ ଆନ୍ଦୋଳନକୁ ସଫଳ କରିବା ପାଇଁ ସଂଘର ସଭାପତି ବିରେନ୍ଦ୍ରନାଥ ମଢ଼େଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୮୦୦ ଗ୍ରେଡ୍ ପେ ପ୍ରଦାନ, ଠିକା ନିଯୁକ୍ତିର ୬ ବର୍ଷକୁ ମୂଳ ଚାକିରିରେ ମିଶାଇ ୬ ଗୋଟି ଇନକ୍ରିମେଂଟ ପ୍ରଦାନ, କଂଟାକଚୁଆଲ ପଦବି ଉଛେଦ ଓ ପୁରୁଣା ପେନସନ ପ୍ରଦାନ ଆଦି ଦାବୀ ସଂଘ ତରଫରୁ କରାଯାଇଛି । ଏଥିପାଇଁ ଗତବର୍ଷ ନଭେମ୍ବର ଠାରୁ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର କୌଣସି ଦାବୀ କର୍ଣ୍ଣପାତ କରିନଥିବାର ସଂଘ ତରଫରୁ ଅଭିଯୋଗ କରାଯାଇଛି । ଏଥିପାଇଁ ଜୁଲାଇ ୨୪ ତାରିଖରୁ ସମୂହ ଛୁଟିର ନିଷ୍ପତି ନିଆଯାଇଥିବାର କୁହାଯାଉଛି । ଏହି ବୈଠକରେ ସଂଘର ସଂପାଦକ ଲାଲ ମୋହନ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ଅଜୟ ପଣ୍ଡା, କାର୍ଯ୍ୟକାରୀ ସଂପାଦିକା ଆଦ୍ୟାଶା ଦାସ, ଅସିମାଅରୁନ୍ଧତି, ପ୍ରଶା' ଜେନା, ଗୌର କିଶୋର ବିନ୍ଧାଣୀ, ପ୍ରଭାତ ଶଙ୍ଖୁଆ, ମାଳତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଭାରତର ଜି୨୦ ଅଧ୍ୟକ୍ଷତା ଉପରେ ୬ଷ୍ଠ ସମନ୍ୱୟ କମିଟି ବୈଠକରେ ଅଧ୍ୟକ୍ଷତା କରିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ନୂଆଦିଲ୍ଲୀ,୧୭/୦୭ : ଭାରତର ଜି -୨୦ ଅଧ୍ୟକ୍ଷତା ଉପରେ ଷଷ୍ଠ ସମନ୍ୱୟ କମିଟିର ବୈଠକ ଆଜି ନୂଆଦିଲ୍ଲୀର ପ୍ରଗତି ମଇଦାନ ସ୍ଥିତ ଆନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ ସମ୍ମିଳନୀ କକ୍ଷ (ଆଇଇସିସି) ରେ ଅନୁଷ୍ଠିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ର ୯ ଓ ୧୦ ସେପଟ୍ମେର, ୨୦୨୩ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜି -୨୦ ସମ୍ମିଳନୀ ସହ ଜଡିତ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏହି ପରିପ୍ରେକ୍ଷୀରେ, ସମ୍ମିଳନୀ ସ୍ଥଳରେ ପ୍ରୋଟୋକଲ୍, ସୁରକ୍ଷା, ବିମାନବନ୍ଦର ସହିତ ସମନ୍ୱୟ, ଗଣମାଧ୍ୟମ, ଭିତ୍ତିଭୂମି ନବୀକରଣ ଏବଂ ଦିଲ୍ଲୀ ଏବଂ ପଡୋଶୀ ରାଜ୍ୟଗୁଡିକର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରାଯାଇଛି । ଡକ୍ଟର ମିଶ୍ର ସମସ୍ତ ବିଭାଗକୁ ଭେଟିବା ସହିତ ଜି୨୦ ଶିଖର ସମ୍ମିଳନୀକୁ ସଫଳ କରିବା ପାଇଁ ଏକ 'ସମ୍ପୂର୍ଣ୍ଣ ସରକାର' ଆଭିମୁଖ୍ୟରେ କାର୍ଯ୍ୟ କରିବାକୁ କହିଛନ୍ତି । କମିଟି ସଦସ୍ୟମାନେ ବିଭିନ୍ନ ବୈଠକ ପାଇଁ ପ୍ରସ୍ତାବିତ ସ୍ଥାନଗୁଡିକ ପରିଦର୍ଶନ କରିଥିଲେ ଏବଂ ସମସ୍ତ ସୂଚନା ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ଡ୍ରାଏ ରନ୍ / ମକ୍ ଏକ୍ସରସାଇଜ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ଯାହା ଦ୍ୱାରା ବିଭିନ୍ନ ସଂସ୍ଥାଗୁଡିକ ନିରନ୍ତର ଭାବରେ କାର୍ଯ୍ୟ କରିବେ । କମିଟି ଆଗାମୀ ଜି -୨୦ ଶିଖର ସମ୍ମିଳନୀ ପାଇଁ ବିଭିନ୍ନ ପ୍ରସ୍ତୁତି ଦିଗରେ କାର୍ଯ୍ୟ ପାଇଁ ମାର୍ଗଦର୍ଶନ ଏବଂ ନିର୍ଦ୍ଦେଶନାମା ପ୍ରଦାନ କରିଛି ଏବଂ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପୁନଃ ସମୀକ୍ଷା ପାଇଁ ପୁଣି ଥରେ ଡକାଇବାକୁ ନିଷ୍ପତ୍ତି ନେଇଛି । ସମନ୍ୱୟ କମିଟିର ବୈଠକ ଏପର୍ଯ୍ୟନ୍ତ ଅନୁଷ୍ଠିତ ଜି୨୦ ବୈଠକ ଏବଂ ଭାରତର ଜି୨୦ ଅଧ୍ୟକ୍ଷତାରେ ଧାର୍ଯ୍ୟ ଅବଶିଷ୍ଟ ବୈଠକର ସମୀକ୍ଷା ପାଇଁ ଏକ ସୁଯୋଗ ପ୍ରଦାନ କରିଛି । କମିଟି ଉଲ୍ଲେଖ କରିଛି ଯେ ଭାରତର ଜି -୨୦ ଅଧ୍ୟକ୍ଷତା ପାଇଁ ଏହା ଆଜି ପର୍ଯ୍ୟନ୍ତ ଦେଶର ୫୫ ଟି ବିଭିନ୍ନ ସ୍ଥାନରେ ୧୭୦ ଟି ବୈଠକ ଆୟୋଜନ କରିଛି । ୨୦୨୩ ଜୁଲାଇ ଏବଂ ଅଗଷ୍ଟ ମାସରେ ଅନେକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜି -୨୦ ର ଭାରତର ଅଧ୍ୟକ୍ଷତା ସହ ଜଡିତ ସମସ୍ତ ପ୍ରସ୍ତୁତି ତଥା ବ୍ୟବସ୍ଥାର ତଦାରଖ କରିବାକୁ କ୍ୟାବିନେଟ୍ ଦ୍ୱାରା ସମନ୍ୱୟ କମିଟିକୁ ଅନୁମତି ଦିଆଯାଇଛି । ଆଜି ପର୍ଯ୍ୟନ୍ତ ସମନ୍ୱୟ କମିଟିର ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ ଭାରତର ଜି -୨୦ ଅଧ୍ୟକ୍ଷତା ସହ ଜଡିତ ର୍ନିଦ୍ଦିଷ୍ଟ ମହତ୍ତ୍ୱପୂର୍ଣ୍ଣ ତଥା କାର୍ଯ୍ୟକ୍ରମର ପରିଚାଳନା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଅନେକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏନଏସଏ, ଶ୍ରୀ ଅଜିତ ଡୋଭାଲ, ଦିଲ୍ଲୀର ଲେଫନାଣ୍ଟ ଗଭର୍ଣ୍ଣର ଶ୍ରୀ ଭି.କେ. ସାକସେନା, କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା ପ୍ରମୁଖ ଉପସ୍ଥିତ ଥିଲେ ।

# ଚିନ୍ମୟ ମିଶନ ପକ୍ଷରୁ ରକ୍ତଦାନ ଶିବିର: ମୋଟ ୫୧ୟୁନିଟ ସଂଗୃହୀତ




ବାରିପଦା , ୧୭/୦୭ (ନି.ପ୍ର): ବାରିପଦା ମଧୁବନ ସ୍ଥିତ ଚିନ୍ମୟ ମିଶନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଚିନ୍ମୟ ଗୁରୁପାଦ ଆଶ୍ରମରେ ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୧ୟୁନିଟ ସଂଗ୍ରହ ହୋଇ ଥିବାବେଳେ ଶିବିରରେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୈଳାସ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଜ୍ଞାନେନ୍ଦ୍ର ମହାନ୍ତି, ଓଡିଶା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ମୟୁରଭଞ୍ଜ ସେଣ୍ଟ୍ରାଲ ବ୍ୟାଙ୍କର ସଭାପତି ସୁବ୍ରମନ୍ୟମ ମହାନ୍ତି, ଦେଉଳଡିହା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଭଦ୍ରକ ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ନିରଞ୍ଜନ ଚୈତନ୍ୟ, ସାମ୍ବାଦିକ ବିଷ୍ଣୁକବି ଶତପଥି, ଡା ଶତ୍ରୁଘ୍ନ ବେହେରା, ପୂର୍ବତନ ନର୍ସିଂ ଡାଇରେକ୍ଟର ଡା. ପ୍ରାଣକୃଷ୍ଣ ବେହେରା, ଅବସର ପ୍ରାପ୍ତ ଇନକମ ଟେକ୍ସ ଅଧିକାରୀ ତପନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିଥିଲେ। ଚିନ୍ମୟ ମିଶନର ସଭାପତି ବିଜୟ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲର ସେବିକା ବାସନ୍ତୀ ବିଶ୍ୱାଳ ଓ ଜିଲ୍ଲା ଭିନ୍ନକ୍ଷେମ ପୁନର୍ବାସ କେନ୍ଦ୍ରର କୃତିମ ଅଙ୍ଗ ପ୍ରତିରୋପଣ ବିଶେଷଜ୍ଞ ବିପିନ ବିହାରୀ ବେହେରାଙ୍କୁ ଚିନ୍ମୟ ମିଶନ ତରଫରୁ ସମ୍ମାନୀତ କରାଯାଇଥିଲା । କୋଷାଧକ୍ଷ ପ୍ରଦୀପ ମହାନ୍ତି, ଶ୍ରୀଧର ପରିଡା, ସହସମ୍ପାଦକ ଦାମନ ନାଏକ, ଗିରିଜା ଶଙ୍କର ମହାନ୍ତି, ଶକୁନ୍ତଳା ପାଲ, ସମାଜସେବୀ ନିରୋଜ ପୁଥାଲ, ଭାସ୍ୱତୀ ବାରିକ, ଓମ ସାଇପ୍ରକାଶ ମହାନ୍ତି, ବିବେକାନନ୍ଦ ଦାସ, ଲକ୍ଷ୍ମୀ ପାଣି, ସୁରାତିବାଳା ଦାସ, ପ୍ରୋମଦିନି ପଟ୍ଟନାୟକ, ଶାନ୍ତିଲତା ସିଂ, କବିତା ଦାସ ଉପସ୍ଥିତ ରହି ଶିବିର ପରିଚାଳନା କରିଥିବା ବେଳେ ସମ୍ପାଦକ ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବିରୋଧୀ ଏକତା ବୈଠକ ଭିତରେ ....

ସେ ଅଭିଯୋଗ କରିଛନ୍ତି ଯେ ଗୁଟଖା କାଣ୍ଡ ପରି ଦୁର୍ନୀତି ମାମଲାରେ ଏଆଇଡିଏମକେ ନେତାଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ଷ୍ଟାଲିନଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ଜଣେ ମନ୍ତ୍ରୀଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ରାଜ୍ୟର ପରିବହନ ମନ୍ତ୍ରୀ ସେନ୍ଥିଲ ବାଲାଜୀଙ୍କ ବିରୋଧରେ ତଥିତ ରୂପେ ଚାକିରି ପାଇଁ ଲାଞ୍ଚ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା ।

### ୨୫ ରୁ ୩ ଦିନିଆ...

ମହାବିଦ୍ୟାଳୟ ଓ ହସ୍ପିଟାଲର ବାର୍ଷିକୋତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨୭ତାରିଖରେ ଭୁବନେଶ୍ୱର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମାକୁମାରୀ କେନ୍ଦ୍ର ଲାଇଟ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ଏହାସହ ସେହି ଦିନ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ରାଷ୍ଟ୍ରପତି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଜୁଲାଇ ୨୫ ତାରିଖରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବା ଠାରୁ ୨୭ତାରିଖରେ ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀ ପ୍ରତ୍ୟାବର୍ତନ କରିବା ପର୍ଯ୍ୟନ୍ତ ରାଜ୍ୟ ପ୍ରଶାସନ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, ସଂପୃକ୍ତ ଜିଲ୍ଲାରୁ ଜିଲ୍ଲାପା , ଭୁବନେଶ୍ୱର ମହାନଗର ନିଗମ ଓ କଟକ ମହାନଗର ନିଗମର କର୍ତୃପକ୍ଷମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ । ବୈଠକରେ ରାଷ୍ଟ୍ରପତିଙ୍କର ରହଣି, ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟକ୍ରମର ଗଣମାଧ୍ୟମରେ ପ୍ରକାଶନ ଓ ପ୍ରସାରଣ, ସ୍ୱାସ୍ଥ୍ୟସେବା ଓ ଚିକିତ୍ସା, ଆମ୍ବୁଲାନ୍ସ , ଉତ୍ସବ ସ୍ଥଳକୁ ଯାତାୟତ ରାସ୍ତାର ରକ୍ଷଣାବେକ୍ଷଣ ତଦାରଖ, ରାସ୍ତାର ପରିମଳ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଛି । ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗ, ଟିପିସିଓଡିଏଲ୍, ଟିପିଏନଓଡିଏଲ୍ କୁ ଭଲଭାବେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ କାର୍ଯ୍ୟକ୍ରମ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଯାଂଚ ନିମନ୍ତେ ସମ୍ପୃକ୍ତ ଅଭିଜ୍ଞ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ରହିବେ । ଯଥେଷ୍ଟ ସଂଖ୍ୟକ ଜେନେରେଟର ମହଜୁଦ ରହିବା ସହ ସେସବୁର କାର୍ଯ୍ୟକ୍ଷମ ବ୍ୟବସ୍ଥାକୁ ସୁନିଶ୍ଚିତ କରିବେ । କାର୍ଯ୍ୟକ୍ରମ ସ୍ଥଳରେ ପାନୀୟଜଳ ଯୋଗାଣ, ଅନୁମୋଦିତ ଯୋଜନା ଅନୁସାରେ ସଭା ମଂଚ ପ୍ରସ୍ତୁତି, ଅତିଥିମାନଙ୍କ ବସିବା ବ୍ୟବସ୍ଥା, ବେରିକେଡିଂ ବ୍ୟବସ୍ଥା, ଆବଶ୍ୟକ ପାସ୍ ବ୍ୟବସ୍ଥା, ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ବିଭିନ୍ନ ଗଣମାଧ୍ୟମକୁ ସୂଚନା ପ୍ରଦାନ, କାର୍ଯ୍ୟକ୍ରମ ସ୍ଥଳକୁ ଇଂଟରନେଟ୍ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂପର୍କରେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ, ପୁଲିସ୍ ମହାନିରୀକ୍ଷକ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ସୁରକ୍ଷା ଦାୟିତ୍ୱରେ ରହିବେ । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଗୃହ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି । ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୁଲିସ୍ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଭୁବନେଶ୍ୱର-କଟକ-ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ଉପ ରାଜ୍ୟପାଳ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ .....

ଏହାକୁ ମାତ ଦେବାକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅଧାଦେଶ ଆଣିଛନ୍ତି । ଏଥିରେ ଦିଲ୍ଲୀ ବିଦ୍ୟୁତ ପ୍ରାଧିକରଣ କମିଶନଙ୍କ ନିଯୁକ୍ତି ପାଇଁ ମଧ୍ୟ ସ୍ୱତନ୍ତ୍ର ନିୟମ ରହିଛି । ଏହାକୁ ଦିଲ୍ଲୀର କ୍ଷମତାସୀନ ଆପ୍ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି । ଏହାର ଶୁଣାଣି କରିବା ବେଳେ ସର୍ବୋଚ୍ଚ ଅଦାଲତ ଅଚଳାବସ୍ଥା ଦୂର କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, "ଅଚଳାବସ୍ଥା ଦୂର କରିବାକୁ ଆମେ ଗୋଟିଏ ପ୍ରସ୍ତାବ ଦେବାକୁ ଚାହୁଁଛୁ । ଉପ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏକାଠି ବସି ପାରିବେ ଓ ସହମତି ଭିତ୍ତିରେ ପ୍ରାର୍ଥୀ ଦେଇପାରିବେ ସହମତି ଭିତ୍ତିରେ ଚୟନ ହୋଇଥିବା ବ୍ୟକ୍ତି ଦିଲ୍ଲୀ ବିଦ୍ୟୁତ ପ୍ରାଧିକରଣ କମିଶନ ପଦରେ ନିଯୁକ୍ତ ହୋଇପାରିବେ । ସବୁଠାରୁ ଭଲ ସ୍ଥିତି ହେଲା ଡିଇଆରିସି ଅଧ୍ୟକ୍ଷ ନାଁ ସହମତି ଭିତ୍ତିରେ ଚୟନ କରାଯାଉ । ଆମେ ଏଥିରେ ହସ୍ତକ୍ଷେପ କରିବାକୁ ଚାହୁଁନୁ । ଆମ ଚାହୁଁଛୁ ଯେ ଆପଣମାନେ ଏକାଠି ବସନ୍ତୁ ଓ ସମସ୍ୟାର ସମାଧାନ କରନ୍ତୁ ।" ଉପ ରାଜ୍ୟପାଳଙ୍କ ପକ୍ଷରୁ ଯୁକ୍ତି ରଖୁଥିବା ବରିଷ୍ଠ ଆଇନଜୀବୀ ହରିଶ ସାଲଭେ କୋର୍ଟଙ୍କ ପ୍ରସ୍ତାବରେ ରାଜି ଥିବା କହିଛନ୍ତି । କିନ୍ତୁ ଆପ୍ ସରକାରଙ୍କ ଓକିଲ ଅଭିଷେକ ମନୁସଙ୍ଘଭୀ ଦିଲ୍ଲୀ ବିଦ୍ୟୁତ ପ୍ରାଧିକରଣ କମିଶନ କ୍ଷମତା ନଥିବା ପଦ । କେନ୍ଦ୍ର ସରକାର ଏଥିରେ ହୁକୁମାତି ଚଳାନ୍ତି ବୋଲି କହିଛନ୍ତି । ସିଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟଙ୍କୁ ଜଣାଇଛନ୍ତି ଯେ କେନ୍ଦ୍ର ସରକାର ଦିଲ୍ଲୀ ପାଇଁ ଆଣିଥିବା ଅଧାଦେଶ ସ୍ଥାନରେ ଉପଯୁକ୍ତ ବିଲ ସଂସଦରେ ଆଣିବେ । ତେଣୁ ବିଲ୍ ? ଦ୍ୱାରା ଏହାକୁ ଆଇନରେ ପରିଣତ କରାଯିବ ବୋଲି କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିଥିବା ସେ କହିଛନ୍ତି । କେନ୍ଦ୍ର ସରକାର ଆଣିଥିବା ଅଧାଦେଶର ଗୋଟିଏ ସେକସନରେ ଡିଇଆରସି ନିଯୁକ୍ତି ପାଇଁ ସଂକ୍ରାନ୍ତରେ ସ୍ୱତନ୍ତ୍ର ନିୟମ କରାଯାଇଛି । ଏହାକୁ ଆପ୍ ସରକାର ବିରୋଧ କରୁଛନ୍ତି । ଏହି ପ୍ରସଙ୍ଗରେ ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି । ଏହାବାଦ ପୂରା ଅଧାଦେଶ ବିରୋଧରେ ହୋଇଥିବା ଆବେଦନର ମଧ ଶୁଣାଣି ସର୍ବୋଚ୍ଚ ଅଦାଲତ କରିଛନ୍ତି । ସମ୍ଭବତଃ ଏହି ପ୍ରସଙ୍ଗ ସାମ୍ବିଧାନିକ ଖଣ୍ଡପୀଠକୁ ଯିବ । ଆସନ୍ତା ଗୁରୁବାର ସୁପ୍ରିମକୋର୍ଟ ଏ ସମ୍ପର୍କରେ ଶୁଣାଣି କରିବେ ।

# ବେଆଇନ ମାଟି ବୋଝେଇ ଚାରି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବଦ

ଲଂଗଲେଶ୍ୱର, ୧୭/୦୭ (ନି.ପ୍ର): ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ସୋମ ବାର ଦେଉଳା ଠାରେ ଚାରୋଟି ବେଆଇନ ମାଟି ବୁଝେଇ ଟ୍ରାକ୍ଟର ଓ ଗୋଟିଏ ଯେ ସି ବି ମେସିନକୁ ଜବଦ କରିଛନ୍ତି । ଏନେଇ ପୃଥକ ପୃଥକ ମାମଲା ରୁଜୁ ହୋଇଛି ।ମାଟି ଚୋରା ଚାଲାଣ କାରୀମାନେ ଗ୍ରାମର ଘରୋଇ ଓ ସରକାରୀ ଗୋଚର ଜାଗାରୁ ମାଟି ତାଡି କରି ଅନ୍ୟତ୍ର ଚାଲାଣ କରି ଆସୁ ଥିଲେ । ଏନେଇ ଗ୍ରାମ ବାସୀ ବାଲିଆପାଳ ତହସିଲଦାର ଙ୍କ ଠାରେ ଅଭିଯୋଗ କରିଥିଲେ । ମାଟି ଓ ବାଲି ଚୋରା ଚାଲାଣ କାରୀମାନେ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ସରକାରୀ ଜାଗାରୁ ଦୈନନ୍ଦିନ ଟ୍ରାକ୍ଟର ଯୋଗେ ମାଟି ଓ ବାଲି ଚୋରା ଚାଲାଣ କରୁଛନ୍ତି ।ଫଳରେ ସରକାର ଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି ।

# ଓଟିପି ସେୟାରିଂ ମାମଲାରେ ଗିରଫ ପଠାଣି ସାମନ୍ତକୁ ରିମାଣ୍ଡରେ ନେଇପାରେ ପଶ୍ଚିମବଙ୍ଗ ଏସଟିଏଫ୍

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଓଟିପି ସେୟାରିଂ ଓ ଆତଙ୍କୀ ଲିଙ୍କ୍ ମାମଲାରେ ଗିରଫ ହୋଇଥିବା ପଠାଣି ସାମନ୍ତକୁ ରିମାଣ୍ଡରେ ନେଇପାରେ ପଶ୍ଚିମବଙ୍ଗ ଏସଟିଏଫ୍ । ଆସନ୍ତାକାଲିଠାରୁ ପଠାଣିକୁ ୫ ଦିନିଆ ରିମାଣ୍ଡରେ ନେଇପାରେ ଏସଟିଏଫ୍ । ସିଲିଗୁଡି ଥାନାରେ ପଠାଣିସାମନ୍ତ ନାଁରେ ପୂର୍ବରୁ ରହିଛି ମାମଲା । ରିମାଣ୍ଡରେ ନେବା ପରେ ଏସଟିଏଫ୍ ପଠାଣିକୁ ଗୁଡୁ ମୁସଲିମ ଲିଙ୍କରେ ଅଧିକ ପଚରାଉଚରା ହୋଇପାରେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ସିଲିଗୁଡ଼ି ଥାନାରେ ପଠାଣି ସାମନ୍ତ ନାଁରେ ପୂର୍ବରୁ ମାମଲା ରହିଛି । ରିମାଣ୍ଡ ସରିବା ପରେ ଝାରପଡ଼ା ଜେଲରେ ପଠାଣି ସାମନ୍ତକୁ ଏନଆଇଏ ଜେରା କରିବ । ପଠାଣି ସାମନ୍ତ ଓ ଅଭିଜିତ ସଞ୍ଜୟ ଜାମ୍ବୁରଙ୍କୁ ହୋଇପାରେ ମୁହାଁମୁହିଁ ଜେରା ହୋଇପାରେ ।

# ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସରେ ମନମୋହନ ଭଞ୍ଜଙ୍କ ସଫଳତା

ପୁରୀ, ୧୭/୦୭ (ନି.ପ୍ର): ପୁରୀ ଜିଲ୍ଲାର ଉଦୀୟମାନ ଟାଏକୋଣ୍ଡୋ କ୍ରୀଡାବିତ ମନମୋହନ ଭଞ୍ଜ ଓଡିଶାରୁ ଏକ ମାତ୍ର ଟାଏକୋଣ୍ଡୋ ଖେଳାଳି ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଦକ୍ଷିଣ କୋରିଆ ସିଓଲ ସ୍ଥିତ କୁକିୟନ ଠାରେ ଚଳିତ ଜୁଲାଇ ମାସ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ ଓ ଅନ୍ତର୍ଜାତୀୟ ପୁମ ଓ ଡାନ ବ୍ଲାକ ବେଲ୍ଟ ପରୀକ୍ଷକ କୋର୍ସରେ ସଫଳତା ହାସିଲ କରିଛନ୍ତି । ବର୍ତମାନ ସେ ଓଡିଶା ଟାଏକୋଣ୍ଡୋ ସଂଘ ଓ ପୁରୀ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟ କରୁଛନ୍ତି । ଟାଏକୋଣ୍ଡୋରେ ଅନ୍ତର୍ଜାତୀୟ କୋର୍ସ କରିବାରେ ସେ ପୁରୀ ଜିଲ୍ଲାର ପ୍ରଥମ, ଯାହା ବିଶ୍ୱ ମାନଚିତ୍ରରେ ଏକ ବଡ ଗର୍ବ ଆଉ ଗୌରବ ଆଣିଦେଛି ।

# ବୃକ୍ଷ ହେଉଛି ମାନବର ପ୍ରକୃତ ବନ୍ଧୁ




ଉଦଳା ୧୭/୦୭- (ନି.ପ୍ର)- କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟ ଜାତୀୟସେବା ଯୋଜନା ତରଫରୁ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରା ସଭାପତିତ୍ୱ କରିଥିଲେ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ବାଣିଜ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ସ୍ମୃତିରଂଜନ ଦାସ ମୁଖ୍ୟଅତିଥି, କପ୍ତିପଦା ବନାଚଂଳ ଅଧିକାରୀ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ଦାସ ମୁଖ୍ୟବକ୍ତା, ନୂଆସାହି ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଏବଂ ସମାଜସେବୀ ଆଶିଷ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ବୃକ୍ଷର ଉପାଦେୟତା ଏବଂ ବୃକ୍ଷର ମାନବ ସହିତ ସମ୍ପର୍କ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବାଳିକା ବିଭାଗର କାର୍ଯ୍ୟକ୍ରମ ଅଧିକାରିଣୀ ମଂଛନା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସଭାକାର୍ଯ୍ୟ ଶେଷ ପରେ ବନାଚଂଳ ଅଧିକାରୀଙ୍କ ସହିତ ସମସ୍ତ ଅତିଥି ଏବଂ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟର ପୋଷ୍ୟ ଗ୍ରାମ କୁସୁନପୁର- ସୁଣ୍ଢଳ ଗ୍ରାମକୁ ଯାଇ ସେଠାରେ ଗ୍ରାମଦେବୀଙ୍କ ପୀଠ ପରିସରରେ ୫୦୦ ବୃକ୍ଷରୋପଣ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ଜାତୀୟ ସେବା ଯୋଜନା ତରଫରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାରୁ ଗ୍ରାମବାସୀ ମାନେ ଖୁସି ଜାହିର କରିଥିଲେ । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ, ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବିଙ୍କ ଦ୍ୱାରା ସଫଳ ଭାବରେ ସମାପନ କରାଯାଇଥିଲା ।

# ବ୍ଲକସ୍ତରୀୟ ଡ୍ରାଇଭର ସଂଘର ବୈଠକ



ଲଙ୍ଗଳେଶ୍ୱର , ୧୭/୦୭ (ନି.ପ୍ର): ରବିବାର ଅପରାହ୍ନରେ ଡ୍ରାଇଭର ସଂଘ ପକ୍ଷରୁ ସଭାପତି ଶଶିକାନ୍ତ ପ୍ରଧାନ ଙ୍କ ପୌରହିତ୍ୟରେ , ସମ୍ପାଦକ ଜୟକୃଷ୍ଣ ଗଙ୍ଗେଇ ସଂଘର ବ୍ଲକ ସଂଯୋଜକ ଗୌରାଙ୍ଗ ଜେନା , ପଞ୍ଚାୟତ ସଂଯୋଜକ ଲକ୍ଷ୍ମୀକାନ୍ତ ବେହେରା , ଅଜିତ କୁମାର ମିଶ୍ର ଓ ସମସ୍ତ ସଭ୍ୟ ଙ୍କ ସହଯୋଗରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ର ରେମୁଁ ଗ୍ରାମରେ ଏକ ବ୍ଲକ ସ୍ତରୀୟ ସଭାର ଆୟୋଜନ ହୋଇଥିଲା । ଏଥିରେ ୫୦ ରୁ ଉର୍ଦ୍ଧ ଡ୍ରାଇଭର ଯୋଗଦେଇ ସରକାର ଉପରେ ବର୍ଷି ଥିଲେ । ଉକ୍ତ ସଭାରେ ସଭାପତି ଶ୍ରୀଯୁକ୍ତ ପ୍ରଧାନ ସରକାରଙ୍କ ଅପାରଗତା ତଥା ଭଣ୍ଡାମି ର ବିଷୟ ବର୍ଣ୍ଣନା କରି କହିଲେ କି ମାର୍ଚ୍ଚ ରେ ହୋଇଥିବା ରାଜ୍ୟସ୍ତରୀୟ ଡ୍ରାଇଭର ସଂଘ ର ନିଷ୍ପତ୍ତି ଅନୁଯାଇ ୧୫ :୩ :୨୩ ରିଖରେ ପରିବହନ ମନ୍ତ୍ରୀ ଙ୍କୁ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇ ଥିଲା ଏବଂ ଷ୍ଟେୟାରିଁ ଛାଡ଼ ଆନ୍ଦୋଳନ ମଧ୍ୟ କରାଯାଇ ସମସ୍ତ ଗାଡ଼ି ଚାଳନା ବନ୍ଦ ଥିଲା । ଏହା ର ଫଳସ୍ୱରୁପ ୩ ଦିନପରେ ସରକାର ସମସ୍ତ ବିଷୟ ବୁଝିବାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନ କୁ ବନ୍ଦ କରାଇଲେ । ପରେ ଗୋଟିଏ ଦାବି ଉପରେ ମୋହର ଲଗାଇଲେ କି ଜୀବନବୀମା କୁ ୪୦୦୦୦୦ ଟଙ୍କା ରେ ସୀମିତ ରଖି ସାନ୍ତ୍ୱନା ଦେଲେ । ମାତ୍ର ଏହାକୁ ଆମ ସଂଘ ମଧ୍ୟ ମାନିନେଲେ । ହେଲେ ଦୀର୍ଘ ୩/୪ ମାସ ବିତିଯାଇଥିଲେ ମଧ ସରକାରଙ୍କର ଉଦାସୀନତା ଆମ ନିରାଶ ର କାରଣ ହୋଇଛି । ତେଣୁ ଓଡ଼ିଶା ଡ୍ରାଇଭର ସଂଘର ସଭାପତି କହିଛନ୍ତି ଅଳ୍ପଦିନ ମଧ୍ୟରେ ସରକାର ଏ ବାବଦରେ କିଛି ବିହୀତ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଡ୍ରାଇଭର ସଂଘ ରାଜ ରାସ୍ତା କୁ ଓହ୍ଲାଇବ ବୋଲି ସଂଘ କହିଛି ।ଏହାପରେ ସୂର୍ଯ୍ୟକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କନ୍ଧମାଳ, ୧୭/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାସୁଦେବ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଦିନସାରା ବର୍ଷା ସତ୍ୱେ ୩୬୦ ଜଣ ପଞ୍ଜିକୃତ ରୋଗୀଙ୍କ ମଧ୍ୟରୁ ୧୯୩ ଜଣ ରୋଗୀଙ୍କ ଚିକିତ୍ସା, ୫୦ ଜଣଙ୍କର ଇସିଜି, ୧୬୫ ରୋଗୀଙ୍କ ମଧୁମେହ ରକ୍ତ ପରୀକ୍ଷା କରାଯାଇଥିଲା । ଭୁବନେଶ୍ୱର କଳିଙ୍ଗ ହସପିଟାଲର ଅଭିଜ୍ଞ ବିଶେଷଜ୍ଞ ମାନେ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ । କଳିଙ୍ଗ ହସପିଟାଲର ହୃଦରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ରାଉତ, ସ୍ନାୟୁ ରୋଗ ବିଶେଷଜ୍ଞ ଡା. ପ୍ରଦୀପ କୁମାର ତ୍ରିପାଠୀ, ଭେଷଜ ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ଓ ଡା. ଶକ୍ତି ଶ୍ରବଣ ପ୍ରଧାନ, ଦନ୍ତ ବିଶେଷଜ୍ଞ ଡା. ମଣୀକେଶ କିଲମାସେଠ ପ୍ରମୁଖ ଏହି ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ଓ ପରାମର୍ଶ ଦେଇଥିଲେ ।

ମଙ୍ଗଳବାର, ଜୁଲାଇ ୧୮, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାସୁଦେବପୁରରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୧୭/୦୭ (ନି.ପ୍ର): ଚଳିତ ମାସର ତୃତୀୟ ସୋମବାରରେ ବାସୁଦେବପୁର ବ୍ଲକ୍‌ରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୭୭ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରେ ୧୭୩ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୪ଟି ସାମୂହିକ ସମସ୍ୟା ମୂଳକ ଅଭିଯୋଗ ଥିଲା। ଏହି ଶିବିରରେ ବିଭିନ୍ନ ଉପକରଣ, ଭତ୍ତା, ମୋ ଘର ଯୋଜନାରେ ଆର୍ଥିକ ସହାୟତା ବଣ୍ଟନ ଓ ବ୍ଲକ୍ ପରିସରରେ ମିଶନ ଶକ୍ତି କାଫେର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ୍ ଚେୟାରମ୍ୟାନ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରାତୀମୟ, ଅତିରିକ୍ତ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବି.ଡ଼ି.ଓ ସତ୍ୟଜିତ୍ ରାଉତ, ସହକାରୀ ଯନ୍ତ୍ରୀ ଅନିତ୍ ସୁବୁଦ୍ଧିରାୟ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଉକ୍ତ ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଆବଶ୍ୟକ ସୂଚନା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ୬ଜଣଙ୍କୁ ବିଧବା ଭତ୍ତା, ୧ ଜଣଙ୍କୁ ସ୍ୱାମୀପରିତ୍ୟକ୍ତା ଭତ୍ତା, ତିନିଚକିଆ ସାଇକେଲ ୨ଟି ଏବଂ ହ୍ୱିଲ ଚେୟାର ୧ଟି ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟକି ବାସୁଦେବପୁର ବ୍ଲକ୍ ପାଇଁ ମଧୁବାବୁ ପେନସନ୍ ଯୋଜନାରେ ୬୩୭ ନୂଆ ହିତାଧିକାରୀଙ୍କ ପାଇଁ ଭତ୍ତା ମଞ୍ଜୁର କରାଯାଇଛି। 'ମୋ ଘର' ଯୋଜନାରେ ବ୍ଲକ୍ ପ୍ରଶାସନ ତରଫରୁ ହିତାଧିକାରୀ ମାନସ ରଞ୍ଜନ ବିନ୍ଧାଣୀଙ୍କୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ପ୍ରଥମ ଦଫାରେ ସବସିଡ଼ି ଯୁକ୍ତ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

# ହରମୋହନ ଦାଶଙ୍କର କବିତା ସଂକଳନ 'ଶାଶ୍ୱତ ଝରେ' ଲୋକାର୍ପିତ



ଭଦ୍ରକ, ୧୭/୦୭ (ନି.ପ୍ର): ଭଦ୍ରକର ସଂସ୍କୃତି ଭବନ ଠାରେ କବି ହରମୋହନ ଦାଶଙ୍କର କବିତା ସଂକଳନ 'ଶାଶ୍ୱତ ଝରେ' ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଆଲୋଚକ ପ୍ରଫେସର ଡ. ବ୍ରଜମୋହନ ମିଶ୍ର କବିର ହୃଦୟରୁ କବିତା ସୃଷ୍ଟି ହୁଏ ଓ କବିଟିଏ ଯେତେବେଳେ ଆଧାତ୍ମିକବାଦୀ ହୋଇଯାଏ ମୁଖ୍ୟତଃ ଗୁରୁଙ୍କ ପଦାନୁସରଣ କରିଚାଲେ ବୋଲି କହିବା ସହ ସେ ହିଁ କେବଳ ଜଗତର ମଙ୍ଗଳ ପାଇଁ କବିତା ଲେଖିପାରେ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। କବିତା ଏକ ଝରଣା ପରି ଚିର ଶାଶ୍ୱତ ବୋଲି ଏହି ସଭାରେ ପୌରୋହିତ୍ୟ କରିଥିବା ପ୍ରଫେସର ଡ. ଶୈଳେନ୍ଦ୍ର ମହାପାତ୍ର କହିବା ସହ ସାମ୍ୟବାଦ୍ୟ ଚିନ୍ତାଧାରା ଓ ଈଶ୍ୱର ବିଶ୍ୱାସର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ।ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଡ. ରାଧାରାଣୀ ମହାପାତ୍ର କବିତାର ମୌଳିକ ଚରିତ୍ର ତଥା ଭାବନାର ମୌଳିକତାକୁ କେନ୍ଦ୍ର କରି କବି ହରମୋହନ ଦାଶଙ୍କର କବିତା ସଂକଳନ କୌଣସି ଦୃଷ୍ଟିରୁ ନ୍ୟୁନ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଡ. ସୁଦର୍ଶନ ବାରିକ ଶାଶ୍ୱତ ଝରର କେତେଗୋଟି କବିତା ଟି.ଏସ. ଏଲିଏଟ୍‌ଙ୍କ ୱେଷ୍ଟ୍ ଲ୍ୟାଣ୍ଡରେ ସ୍ଥାନ ପାଇଥିବା କବିତା ଗୁଡିକ ସହ ପରୋକ୍ଷରେ ସମାନତା ଥିବାର ଦୃଷ୍ଟିଗୋଚର ହେଉ ବୋଲି ନିଜ ଭାଷଣ ପ୍ରସଙ୍ଗରେ କହିଥିଲେ। କବିତା କାଳି କଲମରେ ସୃଷ୍ଟି ହୋଇଥିବା କେତେଗୋଟି ପଙ୍କ୍ତିର ସମାହାର ନୁହେଁ ବରଂ ତାର ଭାବନା ଓ ଚେତନାରେ କବି ହୋଇପାରେ। ଲକ୍ଷ୍ମୀପୁରାଣ କେତୋଗୋଟି ପୃଷ୍ଠା ମଧ୍ୟରେ ସୀମିତ ହୋଇଥିଲେ ମଧ ଜନ ମାନସରେ ଦୀର୍ଘସ୍ଥାୟୀ ହୋଇପାରିଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧିବକ୍ତା ମନୋରଂଜନ ଦାଶ ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିଥିଲେ। କବି ହରମୋହନ ଦାଶ କବିତା ଲେଖିବାର ପ୍ରେରଣା, ପରିବେଶ ତଥା ପ୍ରଚ୍ଛଦପଟ ଉପରେ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିରେ ବିଶେଷ ଅତିଥି ଭାବେ ମନୋଜ କୁମାର ମହାପାତ୍ର, ବିପିନ ବିହାରୀ ପଣ୍ଡା ଓ ପ୍ରକାଶକ ସୂର୍ଯ୍ୟକାନ୍ତ ପ୍ରଧାନ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ଭଦ୍ରକର ବିଭିନ୍ନ ବର୍ଗର ବହୁ ବୁଦ୍ଧିଜୀବୀ, କବି, ଲେଖକ, ଡାକ୍ତର ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ବ୍ରାହ୍ମଣ ସମିତି ଦ୍ୱାରା ପରିଚାଳିତ ବେଦ ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

ବାଲେଶ୍ୱର, ୧୭/୦୭ (ନି.ପ୍ର): ସହରର ଦାମୋଦରପୁରସ୍ଥିତ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର କାର୍ଯ୍ୟାଳୟକୁ ସୋମବାରଦିନ ପରିଦର୍ଶନ କରି ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୧୯୨୧ ମସିହାରେ ପ୍ରତିଷ୍ଠିତ ଏହି ଶତାୟୁ ଅନୁଷ୍ଠାନ, ପରାଧିନ ଭାରତରେ ଭାରତୀୟ ସଂସ୍କୃତି, ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇ ରଖିବା ପାଇଁ ତତ୍‌କାଳୀନ ନୀଳଗିରି ରାଣୀଙ୍କ ଆର୍ଥିକ ଅନୁଦାନରେ 'ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟ' ନାମରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟ ଗତ ୨୦୧୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। କିନ୍ତୁ ବିଦ୍ୟାଳୟର ଶିକ୍ଷକମାନେ ଅବସର ନେବା ପରେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯାଇଥିବା ସଂପର୍କରେ ସମିତିର କର୍ମକର୍ତ୍ତାମାନେ ବିଧାୟକ ଶ୍ରୀ ଦାସଙ୍କୁ ଅବଗତ କରାଇ ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନର ପୁନଃଉଦ୍ଧାର ପାଇଁ ସରକାରୀ ସହାୟତା ପାଇଁ ଅନୁରୋଧ କରିଥିଲେ। ଇତିମଧ୍ୟରେ ସମିତି ନାମରେ ଥିବା ୧୧ ଡେସିମିଲ୍ ଭୂସଂପତ୍ତିର କାଗଜପତ୍ର ଓ ପକ୍କାପ୍ରାଚୀର ନିର୍ମାଣ ପ୍ରଭୃତି କାର୍ଯ୍ୟ ଦର୍ଶାଇଥିଲେ। ବିଧାୟକ ଶ୍ରୀ ଦାସ ସନ୍ତୋଷ ପ୍ରକାଶ କରି ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନରେ ପୁନଃଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ଆର୍ଥିକ ସହାୟତା ପ୍ରଦାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଶ୍ରୀ ଦାସଙ୍କୁ ଭବ୍ୟ ସଂବର୍ଦ୍ଧନା ସହ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରି ସମିତିର ସଂପାଦକ ପଣ୍ଡିତ ଗୌରଚନ୍ଦ୍ର ଦାଶ, ଡ. କ୍ଷିତୀଶ୍ୱର ଦାଶ, ଡା. ଗୌରସାଧନ ମିଶ୍ର, ବୁଦ୍ଧିରାମ ପାଣିଗ୍ରାହୀ, ଶକ୍ତିପଦ ପଣ୍ଡା, ବୈଦ୍ୟନାଥ ଆଚାର୍ଯ୍ୟ, କମଳାକାନ୍ତ ଦାଶ, ପ୍ରଦୀପ କୁମାର ମିଶ୍ର, ଶାନ୍ତିସ୍ୱରୂପ ମିଶ୍ର, ବିରେନ୍ଦ୍ର କର, ରମାକାନ୍ତ ଦୀକ୍ଷିତ, ପ୍ରଦୀପ ଚକ୍ରବର୍ତ୍ତୀ, ବୈଦ୍ୟନାଥ ଆଚାର୍ଯ୍ୟ ପ୍ରମୁଖ ପଣ୍ଡିତମାନେ ଆଶୀର୍ବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ଗତ ରବିବାର ବୈଠକରେ ସମିତିର ସଭାପତି ଡା. ଶୀର୍ଷକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଶ୍ରୀ ଦାସଙ୍କୁ ଜିଲ୍ଲା ସମିତିର କାର୍ଯ୍ୟାଳୟ ପରିଦର୍ଶନ ପାଇଁ ଅନୁରୋଧ କରାଯାଇଥିଲା।

# ମେମୋ ଟ୍ରେନ୍‌ରେ କଟି ଅଜଣା ଯୁବକ ମୃତ

ଜଳେଶ୍ୱର , ୧୭/୦୭ (ନି.ପ୍ର): ବାଲେଶ୍ୱରରୁ ଖଡଗପୁର ଯାଉଥିବା ମୋମୋ ଟ୍ରେନ୍‌ରେ କଟି ଜଣେ ଅଜଣ ଯୁବକର ମୃତ୍ୟୁ ଘଟିଛି । ଯୁବକର ଗୋଟିଏ ହାତରେ ବଂଗଳାରେ ସଂଜୟ ଓ ପୂର୍ଣ୍ଣିମା ଲେଖାଥିବା ଦେଖିବାକୁ ମିଳିଛି । ବଳରାମପୁର ଗ୍ରାମର ଅନତି ଦୂରରେ ମୃତ ଶରୀରଟି ପଡିଥିବା ବେଳେ ମୁହଁ ଖଣ୍ଡବିଖଣ୍ଡିତ ହୋଇଛି । ସେ ନାଲି ରଂଗର ଜାମା ପିନ୍ଧିଥିବା ବେଳେ ଏକ ନିଳ ରଂଗର ଜିନ୍ସ ପିନ୍ଧିଥିବା ଦେଖିବାକୁ ମିଳିଛି । କୌଣସି ବ୍ୟକ୍ତି ଏହି ଅଜଣା ବ୍ୟକ୍ତି ସଂପର୍କରେ ଜାଣିବାକୁ ଚାହୁଁଥିଲେ ଜିଆରପି ସୁମନ୍ତ ଭୋଇଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି ।

# ଶ୍ରାବଣ ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ: ଜଳାଭିଷେକ କଲେ ହଜାର ହଜାର ଶ୍ରଦ୍ଧାଳୁ

ନୀଳଗିରି , ୧୭/୦୭ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠରେ ଦ୍ୱିତୀୟ ସୋମବାର ଅବସରରେ କାଉଡ଼ିଆ ମାନଙ୍କ ଭିଡ ଦେଖିବାକୁ ମିଳିଛି। ଏନେଇ ଚଳଚଞ୍ଚଳ ହୋଇଉଠିଛି ଶୈବପୀଠ ପରିସର। ବହୁ ଦୂରଦୂରାନ୍ତରରୁ ଭକ୍ତମାନେ ବିଭିନ୍ନ ନଦୀରୁ ପାଣିଭାର ବୋହି ବାବାଙ୍କ ନାମ ଧରି ପୀଠରେ ପହଂଚି ମସ୍ତକରେ ପାଣିଲାଗି କରୁଥିବା ଦେଖିବାକୁ ମିଳିଛି। ଏନେଇ ମନ୍ଦିର ଟ୍ରଷ୍ଟ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ତେବେ ଚଳିତ ବର୍ଷ ଯୁଡ଼ା ଆଷାଢ଼ ପଡୁଥିବାରୁ ଶ୍ରଦ୍ଧାଳୁ ମାନେ ଦୁଇମାସ ଧରି ଜଳାଭିଷେକ କରିବାର ସୁଯୋଗ ପାଇବେ।



# ଖଇରାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷିକଙ୍କ ମିଳିତ ଜନଶୁଣାଣି ଶିବିର



ଖଇରା, ୧୭/୦୭ (ନି.ପ୍ର): ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଓ ଆରକ୍ଷୀ ଅଧିକ୍ଷିକା ସାଗରିକା ନାଥ ୧୪୩ ଟି ଅଭିଯୋଗର ଶୁଣାଣି କରିଛନ୍ତି । ଖଇରା ଆଳଦା ମୌଜାର ଖାତା ନଂ ୨୦୩ପ୍ଲଟ ନଂ ୭୧ରେ ଥିବା ୩୧ଡିସିମିଲ ସ୍ମଶାନ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ଗ୍ରାମବାସୀ ମାନେ ଉକ୍ତ ଜମିକୁ ସାମାଜିକ କାର୍ଯ୍ୟ କରିବାରୁ ବଞ୍ଚିତ ହେଉଥିବା ଏବଂ ୨୦୧୮ମସିହାରୁ ବିଭିନ୍ନ ତହସିଲଦାରଙ୍କ ନିକଟରେ ଗ୍ରାମବାସୀଙ୍କ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବୀ କରାଯିବା ସତ୍ୱେ ଏହା କରାଯାଉନଥିବା ନେଇ ଆଳଦା ଗ୍ରାମର ପଦ୍ମଲୋଚନ ଦାସ ଓ ଅନ୍ୟମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋର-କୁପାରୀ ରାଜ୍ୟ ରାଜପଥର ମହତୀପୁର ଠାରେ ଡ୍ରେନେଜ ବିଭାଗରୁ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଜନସାଧାରଣଙ୍କୁ ସେମାନଙ୍କର ଚାଷଜମି ଏବଂ ଘରକୁ ଯିବା ପାଇଁ ଡ୍ରେନ ଉପରେ ସ୍ଲାବ ନିର୍ମାଣ କରାଯାଉନଥିବା ଏବଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ କ୍ଷିରୋଦ ପାତ୍ର ଓ ଅନ୍ୟଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ଗଡପୋଖରୀ ପଞ୍ଚାୟତ ଡାହି ଗ୍ରାମର ମହେନ୍ଦ୍ର ଜେନାଙ୍କୁ ବ୍ଲକର ପ୍ରଥମ ବ୍ୟକ୍ତି ଭାବେ ମୋ ଘର ଯୋଜନାରେ ୩ଲକ୍ଷ ଟଙ୍କାର ଚେକ ପ୍ରଦାନରେ ସ୍ୱଛତାକୁ ନେଇ ଗୁଆପାଳ ଗ୍ରମର ବିଜୟ କୁମାର ବାରିକ ପ୍ରଶ୍ନ ଉଠାଇ ଜିଲାପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି । ସେହିଭଳି ଗୁଆପାଳ ଗ୍ରାମରେ ଭୁମିହିନଙ୍କୁ ତହସିଲଦାର ଭୂମିହୀନଙ୍କୁ ପଟ୍ଟାପ୍ରଦାନରେ ବିଳମ୍ବ କରୁଥିବା ନେଇ ଅନ୍ୟ ଏକ ଅଭିଯୋଗ କରିଥିଲେ । ୨୦୧୪ରେ ସେ ସରକାରୀ ଘର ନେବାପରେ ୭ଦିନ ତଳେ ତାଙ୍କ ମା ପାର୍ବତୀ ଜେନାଙ୍କୁ ଆବାସ ଯୋଜନାରେ ଘର ମିଳିବା ସହ ପ୍ରଥମ କିସ୍ତି ବାବଦକୁ ୪୦ହଜାର ଟଙ୍କା ମିଳିଥିଲା । ଗଡପୋଖରୀ ପଞ୍ଚାୟତର ଏସଇସି-୨୦୧୧ ତାଲିକାରେ ବହୁ ଗରିବ ଥିବା ବେଳେ ଜଣେ ବ୍ୟକ୍ତିର ପରିବାରକୁ ବାରମ୍ବାର ଘର ପ୍ରଦାନ ସମ୍ବନ୍ଧରେ ଉଲ୍ଲେଖ କରି ଏହାର ତଦନ୍ତ କରିବାକୁ ଦାବୀ କରିଛନ୍ତି । ସେହିଭଳି କୁପାରୀ ରାଜସ୍ୱ କ୍ଷେତ୍ରର ଗଡପୋଖରୀ ମୌଜାରେ ଇଡକୋ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କରାଯାଇଥିବା ବେଳେ ଶିକ୍ଷାନୁଷ୍ଠାନ,ମନ୍ଦିର,ଅଙ୍ଗନୱାଡି କେନ୍ଦ୍ର,ରାସ୍ତା ଥିବା ପ୍ଲଟ ଗୁଡିକୁ ବାଦ ଦେଇ ଅନ୍ୟ ଖସଡା ଗୁଡିକୁ ଅଧିଗ୍ରହଣ କରିବାକୁ ୩ନଂ ଜୋନର ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ସରପଞ୍ଚ ଟିକିରାଣୀ ସେଠୀ ,ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ଦାସଙ୍କ ସମେତ ଶତାଧୀକ ଗ୍ରାମବାସୀ ଜିଲାପାଳଙ୍କ ହସ୍ତକ୍ଷେପ ଦାବୀ କରିଛନ୍ତି । ଗଗନଧୁଳି ପଞ୍ଚାୟତ ଗଣ୍ଡୁଆ ଗ୍ରାମର କୈଳାସ ଚନ୍ଦ୍ର ସେଠୀଙ୍କୁ ଭରତ ରାମ,ବୈକୁଣ୍ଠ ରାମ ଓ ଅର୍ଜୁନ ରାମ ମାଡ ମାରି ଗୁରୁତର କରିଥିବା ବେଳେ ସେମାନଙ୍କୁ ଖଇରା ପୋଲିସ ସୁରକ୍ଷା ଦେଉଥିବା ନେଇ କୈଳାସ ଓ ତାଙ୍କ ପତ୍ନୀ ସୀତାମଣି ସେଠୀ ଏସପି ଙ୍କୁ ଗୁହାରି କରି ଦୋଷୀ ମାନଙ୍କୁ ଗିରଫ କରିବାକୁ ଦାବୀ କରିଛନ୍ତି । ହରିପୁର ଅଙ୍ଗନୱାଡି୧ କେନ୍ଦ୍ରରେ କର୍ମୀଙ୍କ ଦ୍ୱାରା ଅର୍ଥ ହେରଫେର ହେଉଥିବା ନେଇ ଯାଞ୍ଚ କମିଟିର ସଭାପତି କିରଣବାଳା ଦାସ ଅଭିଯୋଗ କରି ଏଥିରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ବର୍ତ୍ତନା,ରଟିଣା ଓ ତୁମ୍ବାପଦୀ ଗ୍ରାମରେ ପୁର୍ବରୁ କିଛି ବ୍ୟକ୍ତି ଭୁମିହୀନ ପଟ୍ଟାପାଇ ଏକର ଲେଖାଏଁ ଜମି ମାଡି ବସିଥିବାରୁ ବର୍ତ୍ତମାନନ ସାଧାରଣ ଚଳପ୍ରଚଳରେ ଅସୁବିଧା ହେବା ସହ ଏବେକାର ଭୁମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇ ପାରୁନଥିବା ନେଇ କରୁଣାକର ମହାପାତ୍ର, ସମ୍ଭୁନାଥ ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ ଗ୍ରାମବାସୀ ଦାବୀ କରିଥିଲେ। ଉକ୍ତ ଜନଶୁଣାଣିରେ ଉପଜିଲାପାଳ କୁନାଲ ଚୌହାନ, ବିଡିଓ ଉତ୍ତମ କୁମାର ଜେନା, ଆଇଆଇସି ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ଜିଲପାଳ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖଇରା କଲେଜ ଗସ୍ତ କରି ୫ଟି କାର୍ଯ୍ୟ ର ସମୀକ୍ଷା କରିଥିଲେ ।

# ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫରୁ ମହାରାଜ ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେଲ୍ପ ଡେସ୍କ ଉଦ୍‌ଘାଟିତ




ବାରିପଦା, ୧୭/୦୭ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେବାକୁ ଥିବା ପ୍ରଥମ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଇଣ୍ଟିଗ୍ରେଟେଡ ବିଇଡିରେ ଆଡମିସନ ହେବାକୁ ଥିବା ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ସାହାଯ୍ୟ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ତଥା ବାଙ୍କୀ ବିଧାୟକ ଶ୍ରୀଯୁକ୍ତ ଦେବୀରଞ୍ଜନ ତ୍ରିପାଠୀଙ୍କ ଆହ୍ୱାନରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଶ୍ରୀ ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ହେଲ୍ପ ଡେସ୍କ ଆଜିଠୁ ଖୋଲା ହୋଇଛି ଏବଂ ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ହେଲ୍ପ ଡେସ୍କକୁ ରାଜ୍ୟ ଛାତ୍ର ସମ୍ପାଦକ ଆଶୀର୍ବାଦ ଦାସ, ବିଜୁ ଯୁବ ଜନତା ଦଳ ବାରିପଦା ଟାଉନ ସଭାପତି ସେକ୍ ଅମନ୍ ଉଲ୍ଲା, ବାରିପଦା ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ପୂର୍ବତନ ବିଶ୍ୱବିଦ୍ୟାଳୟ ସଭାପତି ସଙ୍କର୍ଷଣ ପଣ୍ଡା, ଜିଲ୍ଲା ଛାତ୍ର ଉପସଭାପତି ଦେବଜିତ ପଟ୍ଟନାୟକ, ଶୁଭଜିତ୍ ପାଣି, ଅକ୍ଷୟ ସିଂ, ସୌମ୍ୟକାନ୍ତ ମିଶ୍ର, ଜିଲ୍ଲା ଛାତ୍ର ସାଧାରଣ ସମ୍ପାଦକ ତରୁଣ ନାୟକ, ଛାତ୍ର ନେତା ଅନେଶ୍ୱେତା ତ୍ରୀପାଠୀ, ରାହୁଲ୍ ଘଡେଇ, ମହମ୍ମଦ କାଦୀର ଆଲି ଓ ଚିନ୍ମୟ ଦାସ, ଜୟଦୀପ ସାହୁ, ଆଶିଷ ମରିଆଲ, ସତ୍ୟବ୍ରତ ପାଣିଗ୍ରାହୀ, ଆକାଶ ରୋଜକ ପ୍ରମୁଖ ଉପସ୍ଥିତ ସାହାଯ୍ୟ କରିଥିଲେ।

# ମାଲ ବୋଝେଇ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କଲା ଜେଏସଡବ୍ଲ୍ୟୁ




ପାରାଦୀପ , ୧୭/୦୭ (ନି.ପ୍ର): ମାଲ ପରିବହନ କ୍ଷେତ୍ରରେ ଜେ ଏସ ଡ ବ୍ଲୁ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଗୋପାଳପୁର ବନ୍ଦରରେ ଲାଗିଥିବା ଏମ୍ ଭି ରିଚି ସ୍ପ୍ରିଙ୍ଗ ନାମକ ଏହି ଜାହାଜରେ କମ୍ପାନୀ ପକ୍ଷରୁ ମାନୁଆଲ ଲୋଡିଙ୍ଗ ଜରିଆରେ ଗୋଟିଏ ଦିନରେ ୫୨.୦୨୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ କରି ଏହି ସଫଳତା ହାସଲ କରିପାରିଛି।ମାଲ ବୋଝେଇ ପରେ ଏହି ଜାହାଜଟି ଚାଇନା ଅଭିମୁଖେ ଯାତ୍ରା କରିଛି। ଏହି ଜାହାଜରେ ମାଲ୍ ବୋଝେଇ ପାଇଁ ଚାରି ଦିନରୁ ଅଧିକ ସମୟ ଥିବା ବେଳେ ଜେ ଏସ ଡ ବ୍ଲୁ କର୍ମଚାରୀ ଓ ଅଧିକାରୀ ମାନଙ୍କ ଆନ୍ତରିକ ଉଦ୍ୟମ ଓ ସଠିକ ଭାବେ ସମୟ ପରିଚାଳନା ପାଇଁ ଏହି ସଫଳତା ହାସଲ କରିପାରିଛି। ଏଥି ସହିତ ପ୍ରାୟ ଦେଢ଼ ଦିନରୁ କମ୍ ସମୟ ମଧ୍ୟରେ ସମୁଦାୟ ୮୬ ହଜାର ୭୦୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ କରି ପାରିଛି।ଯାହା ଫଳରେ କି କମ୍ପାନୀ ହାରାହାରି ୩୦ ଲକ୍ଷ ଟଙ୍କା ବଞ୍ଚେଇ ପାରିଛି। ଏହି ମାଲ୍ ବୋଝେଇ କାର୍ଯ୍ୟ ପାଇଁ ଗୋପାଳପୁର ବନ୍ଦରର କର୍ମଚାରୀ ଓ ଅଧିକାରୀ ମାନଙ୍କ ସହିତ ସଠିକ ସମନ୍ୱୟ ରକ୍ଷା କରା ଯାଇଥିଲା ବେଳେ ବନ୍ଦର ପକ୍ଷରୁ ମଧ ଯଥେଷ୍ଟ ସହଯୋଗ କରାଯାଇଥିଲା। ଏହି ସଫଳତା ପାଇଁ ଜେ ଏସ ଡ ବ୍ଲୁ ର ସମସ୍ତ କର୍ମଚାରୀ ଓ ଅଧିକାରୀ ମାନଙ୍କୁ କମ୍ପାନୀ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ବେଳେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ କୃତଜ୍ଞତା ଜ୍ଞାପନ କରିଯାଇଛି।

# କନେଷ୍ଟବଲ ସ୍ୱାମୀଙ୍କ ଆତ୍ମହତ୍ୟା

ଖଇରା, ୧୭/୦୭ (ନି.ପ୍ର): ସୋର ଥାନାରେ କାର୍ଯ୍ୟରତ କନେଷ୍ଟବଲ ବିଦ୍ୟୁତ୍‌ପ୍ରଭା ରାଉତଙ୍କ ସ୍ୱାମୀ ନରେନ୍ଦ୍ର ପୃଷ୍ଟି ସୋମବାର ଖଇରା ବାସଭବନରେ ଫ୍ୟାନରେ ଶାଢୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ନରେନ୍ଦ୍ରଙ୍କ ପ୍ରକୃତ ଘର ବର୍ତ୍ତନା ପଞ୍ଚାୟତ ପଦୁନା ଗ୍ରାମରେ ହୋଇଥିବା ବେଳେ ମନୋମାଳିନ୍ୟରୁ ଏଭଳି କାଣ୍ଡ ଘଟିଥିବାର ସନ୍ଦେହ କରାଯାଉଛି । ପ୍ରକୃତ ତଥ୍ୟ ଜଣା ପଡିନାହିଁ। ବହୁ ସମୟ ଧରି ସେ କବାଟ ନଖୋଲିବା ପରେ ପଡୋଶୀ କବାଟ ଭାଙ୍ଗି ଭିତରକୁ ପଶିଥିଲେ ଏବଂ ତାଙ୍କ ଶବ ଫ୍ୟାନରେ ଝୁଲୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ ।

# ଜଷ୍ଟିସ ଗାଙ୍ଗୁଲି କାହାର ନାମ ନନେଇ ଅଭିଷେକ ଉପରେ କଲେ ଆକ୍ରମଣ

କୋଲକାତା, ୧୭/୦୭ : କଲିକତା ହାଇକୋର୍ଟର ଜଣେ ବିଚାରପତିଙ୍କ ବିରୋଧରେ ହାଇକୋର୍ଟର ଜଣେ ଜଣାଶୁଣା ବିଚାରପତି ଜଷ୍ଟିସ ଅଭିଜିତ ଗାଙ୍ଗୁଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଆପତିଜନକ ମନ୍ତବ୍ୟ ସମ୍ପର୍କରେ ମଧ ମୁହଁ ଖୋଲିଛନ୍ତି । ଅଭିଷେକ ବାନାର୍ଜୀଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଯେଉଁମାନେ କୋର୍ଟ ବିରୋଧରେ ଆପତିଜନକ ମନ୍ତବ୍ୟ ଦିଅନ୍ତି ସେମାନଙ୍କୁ ସମ୍ମାନ ଦିଆଯାଇପାରିବ ନାହିଁ। ଜଷ୍ଟିସ ଗାଙ୍ଗୁଲି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଛନ୍ତି ଯେ ସୁପ୍ରିମୋ (ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲକ୍ଷ କରି କହିଛନ୍ତି) କେବେ ବି ଏପରି ବିବୃତି ଦିଅନ୍ତି ନାହିଁ

# ବନ୍ଧୁକ ସହିତ ଧରା ପଡିଲେ ତୃଣମୂଳର ପଂଚାୟତ ପ୍ରାର୍ଥୀଙ୍କ ସ୍ୱାମୀ

କୋଲକାତା, ୧୭/୦୭ (ନି.ପ୍ର): ନିକଟରେ ମୁର୍ସିଦାବାଦ ଜିଲ୍ଲା ଅନ୍ତର୍ଗତ ହରିହରପଡା ଅଂଚଳରେ ପଂଚାୟତ ନିର୍ବାଚନ ଜିତିଥିବା ତୃଣମୂଳ ପ୍ରାର୍ଥୀଙ୍କ ସ୍ୱାମୀଙ୍କୁ ବନ୍ଧୁକ ସହ ଗିରଫ କରାଯାଇଛି। ତାଙ୍କର ନାମ ଶରିଫୁଲ୍ । ପଂଚାୟତ ନିର୍ବାଚନ ପୂର୍ବରୁ ସେ ରାସ୍ତାରେ ଜଣେ ସ୍ଥାନୀୟ ଦୋକାନୀଙ୍କୁ ଅତି ନିର୍ମମ ଭାବେ ମାଡ ମାରି ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେହି ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ପୋଲିସ ଶରିଫୁଲଙ୍କ ଘରେ ଚଢାଉ କରିଥିଲା। ତାଙ୍କୁ ଗିରଫ କରିବା ପରେ ଏକ ସର୍ଚ୍ଚ ଅପରେସନ୍ କରାଯାଇଥିଲା ଏବଂ ଏକ ସିଙ୍ଗର ସଟର ବନ୍ଧୁକ ଜବତ କରାଯାଇଥିଲା। ଏହା ପରେ ତାଙ୍କୁ ଗିରଫ କରି ସୋମବାର ତାଙ୍କୁ ବହରମପୁର ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo